## ସଂକ୍ଷେପରେ....

### ବନ୍ଦ ବେଳେ ଭାଜପା କର୍ମୀ ଅଟକ

ଜମନକିରା, ୩।୧୧(ଡି.ଏନ.ଏ.): ସମ୍ବଲପୁର ଜିଲା କୁଚିଣ୍ଡାଠାରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ମାର୍ଟ କାର୍ଡ଼ ବଣ୍ଟନ ବେଳେ ଗଣ୍ଡଗୋଳ ଓ ମାରପିଟ ହୋଇଥିଲା। ଏଥିରେ ଜଣେ କଂଗ୍ରେସ କର୍ମୀ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଏହାର ପ୍ରତିବାଦରେ ଭାଜପା ଓ କଂଗ୍ରେସ ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା। ଘୋଷଣା ମୁତାବକ ବୁଧବାର ଜମନକିରା ବ୍ଲକ୍ ଭାଜପା ପକ୍ଷରୁ ଜାତୀୟ ରାଜପଥ ଷଣ୍ଢପଥରଠାରେ ସକାଳ ୬ଟାରେ ରାସ୍ତାରୋକୋ କରାଯାଇଥିଲା। ପୋଲିସ ପହଞ୍ଚି ଦଳର ନେତା ଓ କର୍ମୀଙ୍କୁ ଥାନାକୁ ନେଇ ଅଟକ ରଖିଥିଲା। ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ମନ୍ତ୍ରୀ ଅରୁଣ ସାହୁଙ୍କ ସ୍ମାର୍ଟ କାର୍ଡ଼ ବଣ୍ଟନ କାର୍ଯ୍ୟକ୍ରମ ଥିବାବେଳେ ଭାଜପା ପକ୍ଷରୁ ଏହାକୁ ବିରୋଧ କରାଯାଇଥିଲା। ବ୍ଲକ୍ ମଣ୍ଡଳ ସଭାପତି ଅମୋଘ ବୈରିଗଞ୍ଜନ ପାଣିଗ୍ରାହୀଙ୍କ ସମେତ ବରିଷ୍ଠ ନେତା ସୁନୀଲ ମୁଦୁଲି, ରମେଶ ସାହୁ, ବୀରେନ୍ଦ୍ର ଚୌଧୁରୀ, ତ୍ରିଲୋକ ପଧାନ, ଦୁଷ୍ମନ୍ତ କାଲୋ, ଅରୁଣ ମହାକୁଳ ପ୍ରମୁଖଙ୍କୁ ପୋଲିସ ଥାନାରେ ଅଟକ ରଖିଥିବା ଜଣାଯାଇଛି।

### ଚାଳକ ମହାସଂଘ ବୈଠକ

ନାକଟିଦେଉଳ,୩।୧୧(ଡ଼ି.ଏନ.ଏ.): ନାକଟିଦେଉଳ ବ୍ଲକ ଡଇଁଚା ପଞ୍ଚାୟତର ଭାଲୁଡଇଲାଠାରେ ବୁଧବାର ଚାଳକ ମହାସଂଘର ପଞ୍ଚାୟତ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଂଘ ସମ୍ପାଦକ ଗୌରଚନ୍ଦ୍ର ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ଓଡ଼ିଶା ଡ୍ରାଇଭର ସଂଘର ଭଦ୍ରକ ଜିଲା ସଭାପତି ଦିଲୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାଳକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପଞ୍ଚାୟତସ୍ତରୀୟ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ପ୍ରମୋଦ କୁମାର ସାହୁ, ସମ୍ପାଦକ ନରହରି ମାଝି ଓ କୋଷାଧ୍ୟକ୍ଷ ଭାବେ ଗିରିଧାରୀ ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା। ସେହିପରି ଜାମୁଯୋରୀ ପଞ୍ଚାୟତରେ ବୈଠକ ଅନୁଷ୍ଠିତ ହୋଇ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ଅଶୋକ ଗଡ଼ନାୟକ, ସମ୍ପାଦକ ହେମନ୍ତ ସାହୁ ଓ କୋଷାଧ୍ୟକ୍ଷ ଭାବେ ଅଭିରାମ ଷଣ୍ଢଙ୍କୁ ମନୋନୀତ କରାଯାଇଥିଲା।

### ଧମାରେ ସ୍ମାର୍ଟ କାର୍ଡ ବିତରଣ

ଧମା,୩।୧୧ (ଡି.ଏନ.ଏ.): ମାନେଶ୍ୱର ବ୍ଲକ ଧମା, ଡକରା ଓ ଦେଗାଁ ପଞ୍ଚାୟତରେ ବୁଧବାର ସ୍ମାର୍ଟ କାର୍ଡ ବିତରଣ କରାଯାଇଛି। ଧମା ପଞ୍ଚାୟତରେ ଆୟୋଜିତ ବୈଠକରେ ବିଡିଓ ନୀଳାମ୍ବର ମହାନନ୍ଦ ଅଧ୍ୟକ୍ଷତା କରିଥିଲେ। ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ୨୦ ଜଣ ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ବିତରଣ କରିଥିଲେ। ଜିଲା ପରିଷଦ ସଭ୍ୟ ସତ୍ୟାନରେନ ମେଣ୍ଡଲୀ, ସମିତି ସଭ୍ୟ ରିଙ୍କୁ ସେଠ ପ୍ରମୁଖ ମଞ୍ଚାସୀନ ଥିଲେ। ସରପଞ୍ଚ ନରେଶ ସେଠ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପୋଖରୀ ସଫେଇ କଲେ ସ୍କାଉଟ ଛାତ୍ର

ସୁନ୍ଦରଗଡ, ୩।୧୧(ଡି.ଏନ୍.ଏ.)-ଶିକ୍ଷକ ଅଶୋକ କୁମାର ପରିଡାଙ୍କ ନେତୃତ୍ୱରେ ବୁଧବାର ସ୍କାଉଟ ଛାତ୍ରମାନେ ସୁନ୍ଦରଗଡ ସହର ଡେଙ୍ଗିବାଡିସ୍ଥିତ ପୋଖରୀ ସଫେଇ କରିଛନ୍ତି। ସୁନ୍ଦରଗଡ ପବ୍ଲିକ ସ୍କୁଲରେ କାର୍ଯ୍ୟରତ ଶିକ୍ଷକ ପରିଡା ସ୍କୁଲର ସ୍କାଉଟ ଛାତ୍ରଙ୍କୁ ନେଇ ଏହି ସଫେଇ କାର୍ଯ୍ୟକ୍ରମ କରିଥିଲେ। ପୋଖରୀର ଚାରିପାଖରେ ତଥା ପାଣି ଭିତରେ ଲୋକମାନେ ଫିଙ୍ଗିଥିବା ମାଟି ତିଆରି ମୂର୍ତ୍ତି ,ପୂଜାକରିଥିବା ଫୁଲ, ପଲିଥିନ,ପୁରୁଣା କପଡାଗୁଡିକୁ ପିଲାମାନେ ସଫା କରିଥିଲେ। ଲୋକମାନଙ୍କୁ ଆଖପାଖ ପରିବେଶ ଓ ପୋଖରୀ ପାଣି କିଭଳି ସଫା ସୁତୁରା ରଖାଯିବ ସେ ନେଇ ସଚେତନ କରିଥିଲେ।

# ଦର ବୃଦ୍ଧିକୁ ନେଇ ସିପିଆଇଏମ୍‌ର ବିକ୍ଷୋଭ, ରାସ୍ତାରୋକୋ

**ରାଉରକେଲା ଅଫିସ/ ଲହୁଣୀପଡ଼ା, ୩।୧୧(ଡି.ଏନ୍.ଏ.)**



ରାଉରକେଲା ଏଡିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

ନିତ୍ୟ ବ୍ୟବହାର ସାମଗ୍ରୀ ଦରଦାମ ବୃଦ୍ଧି ପ୍ରତିବାଦରେ ସିପିଆଇଏମ୍ ପକ୍ଷରୁ ବୁଧବାର ରାଉରକେଲା ଓ ଲହୁଣୀପଡ଼ା ବ୍ଲକରେ ଆନ୍ଦୋଳନ କରାଯାଇଛି। ସିପିଆଇଏମ୍ ରାଉରକେଲା ସାଙ୍ଗଠନିକ କମିଟି ଓ ରଘୁନାଥପାଲି ସାଙ୍ଗଠନିକ କମିଟି ପକ୍ଷରୁ ଏଡିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏନେଇ ସିପିଆଇଏମ୍‌ର ଶତାଧିକ କର୍ମକର୍ତ୍ତା ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରୁ ଏକ ବିଶାଳ ରାଲି ବାହାର କରି ଏଡିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। କେନ୍ଦ୍ର ସରକାର ଦୀର୍ଘ ଦିନ ଧରି ପେଟ୍ରୋଲ, ଡିଜେଲ, ରନ୍ଧନଗ୍ୟାସ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ବିରୋଧରେ ସଙ୍ଗଠନ ପକ୍ଷରୁ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସିପିଆଇଏମ ରାଉରକେଲା ଆଞ୍ଚଳିକ କମିଟି ସମ୍ପାଦକ ରାଜକିଶୋର ପ୍ରଧାନଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ସଙ୍ଗଠନର ବରିଷ୍ଠ ସଦସ୍ୟ ବିଷ୍ଣୁ ମହାନ୍ତି, ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ଚନ୍ଦ୍ରଭାନୁ ଦାଶ, ହୃଦାନନ୍ଦ ରାଉତ, ଅରୁଣ ମହାରଣା, କବି ପ୍ରଧାନ, ଅଜିତ ଏକ୍କା ପ୍ରମୁଖ ବିଭିନ୍ନ ମତ ରଖିଥିଲେ। କେ. ବଲାଙ୍ଗ ଥାନା ଅନ୍ତର୍ଗତ ରକ୍ସିଠାରେ ବୁଧବାର ସିପିଆଇଏମ୍ ପକ୍ଷରୁ ୨୧୫ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରାଯାଇଥିଲା। ସିପିଆଇଏମ୍ ଜିଲା ସମ୍ପାଦକ ପ୍ରମୋଦ ସାମଲ ଏଥିରେ ନେତୃତ୍ୱ ନେଇଥିଲେ। କର୍ମୀମାନେ ପ୍ଲାକାର୍ଡ ଧରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ଏକ ବିଶାଳ ଶୋଭାଯାତ୍ରାରେ ଆସି ଜାତୀୟ ରାଜପଥକୁ ଅବରୋଧ କରି ପ୍ରତିବାଦ କରିଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅହେତୁକ ଦରଦାମ ବୃଦ୍ଧି ବିରୋଧରେ ପ୍ରତିବାଦ କରି ବକ୍ତବ୍ୟ ପ୍ରଦାନ କରିଥିବା ଜଣାପଡିଛି। ଜିଲା ପରିଷଦ ସଭ୍ୟ ଗୋପୀନାଥ ମାହାନ୍ତ, ପୂର୍ବତନ ଜିଲା ପରିଷଦ ସଭ୍ୟ ଆନନ୍ଦମାସୀ ହରୋ, ସାରନି ସୁରିନ, ବାହାଲେନ ମୁଣ୍ଡା, ଶାନ୍ତି ହରୋ, ମାଗଦଲି ମାଙ୍କେ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିବାବେଳେ ଶହଶହ କର୍ମୀ ଉପସ୍ଥିତ ଥିଲେ।

### ବାଇକ୍ ଜବତ: ଦୁଇ ଗିରଫ

**ରାଉରକେଲା ଅଫିସ, ୩।୧୧:**

ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀ ଅଞ୍ଚଳରେ ଦୁଆର ମୁହଁରୁ ବାଇକ ଚୋରି କରି ଫେରାର ଥିବା ଦୁଇ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ହୋଇଥିବାବେଳେ ଅନ୍ୟ ଜଣେ ଯୁବକ ହରିପୁର ବସ୍ତିର ପ୍ରଦୀପ ଡୁଙ୍ଗଡୁଙ୍ଗ(୨୮) ବୋଲି ଜଣାପଡ଼ିଛି। ବାସନ୍ତୀ କଲୋନୀ କ୍ୱାଟର୍ସନଂ ଏମ-୯ରେ ଗୌରବ ଖଣ୍ଡୁଆଲ ପରିବାର ସହ ବାସ କରନ୍ତି। ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ଘର ଦୁଆର ମୁହଁରୁ ତାଙ୍କ ବାଇକ୍ ଚୋରି ହୋଇଥିଲା। ଏନେଇ ଉଦିତନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ହରିପୁରବସ୍ତିରୁ ବାଇକକୁ ଜବତ କରିବା ସହ ବୁଧବାର ଦୁଇଜଣଙ୍କୁ ହରିପୁର ବସ୍ତିରୁ ଗିରଫ କରିଥିଲେ।

### ସ୍ୱାସ୍ଥ୍ୟସେବା ଉନ୍ନତି ନିମନ୍ତେ ଉଦ୍ୟମ

**ଟେନ୍‌ସା,୩।୧୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକର ମାଲଦା ଗ୍ରାମପଞ୍ଚାୟତର କଲମାଙ୍ଗ ଅଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟସେବାର ପ୍ରସାର ଲାଗି ଉଦ୍ୟମ ସ୍ୱରୂପ ଟାଟା କମ୍ପାନୀ ଏକ ଏମଏମ୍ୟୁ କାର୍ଯ୍ୟ କରୁଛି । ଯାହା କାନହୁସାହି, ଶଙ୍ଖପ ଗୁଣ୍ଡରଗୁ ଓ ଗଣ୍ଡଲପ (ଗୁଆଳି) ଆଦି ଅଞ୍ଚଳରେ ସେବା ପ୍ରଦାନ କରୁଛି। ଗ୍ରାମବାସୀ ଓ ଛାତ୍ରୀଛାତ୍ରଙ୍କୁ ମାଗଣା ନିଦାନ ଓ ଚେକଅପ, ଚିକିତ୍ସା, କାଉନସେଲିଂ, ସ୍ୱାସ୍ଥ୍ୟ ଶିକ୍ଷା ଓ ସଚେତନତା କରାଯାଉଛି। ଏହା ବ୍ୟତୀତ ରେଫରାଲ ହୋଇଥିବା ମାମଲାଗୁଡ଼ିକୁ ନିକଟତମ ସରକାରୀ ହସ୍ପିଟାଲ କିମ୍ବା ଯୋଡ଼ାରେ ଥିବା ଟାଟା ଷ୍ଟିଲ ହସ୍ପିଟାଲରେ ଯଥା ସମ୍ଭବ କମ ସମୟରେ ଚିକିତ୍ସା ସୁବିଧା ମିଳିପାରିବ ବୋଲି ଟାଟା ଷ୍ଟିଲ ଫାଉଣ୍ଡେସନ ଟିମ ପକ୍ଷରୁ ନିଶ୍ଚିତ କରାଯାଉଛି।

## ଗମ୍ଭାରଡିହିରେ ମେଗା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀରେ ଅତିଥିଙ୍କ ସହ ଖେଳାଳି।

**କୁତ୍ରା, ୩।୧୧ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଗମ୍ଭାରଡିହି ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ବୁଧବାର ପଞ୍ଚ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ କୁକୁରଭୁକା ଏବଂ ଓଟୋମୁଣ୍ଡା ମଧ୍ୟରେ ହୋଇଥିଲା। ଏଥିରେ ୧-୩ ଗୋଲରେ କୁକୁରଭୁକା ବିଜୟୀ ହୋଇଥିଲା। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଝାରବେଡା ସରପଞ୍ଚ ଗଙ୍ଗାରାମ ମିଞ୍ଜ, ଡୁନମୁରା ସରପଞ୍ଚ ଯମୁନା ମିଞ୍ଜ, ସମିତି ସଭ୍ୟ ଉପେନ୍ଦ୍ର ଏକା ଯୋଗଦେଇଥିଲେ। ଆୟୋଜକ କମିଟିର ସଭାପତି ଫ୍ରାନ୍ସିଶସ ମିଞ୍ଜ, ଉପସଭାପତି ରଞ୍ଜିତ ଲାକ୍ରା, ସେକ୍ରେଟାରୀ ସୁନୀଲ ମିଞ୍ଜ ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ବୀର ବିର୍ସା ମୁଣ୍ଡା ହକି ଟୁର୍ନାମେଣ୍ଟ ଆରମ୍ଭ

**ରାଜଗାଙ୍ଗପୁର, ୩।୧୧ (ଡି.ଏନ.ଏ.)**

ରାଜଗାଙ୍ଗପୁର ରାଣୀବନ୍ଧଠାରେ ଥିବା ବୀର ବିର୍ସା ମୁଣ୍ଡା ଜୟନ୍ତୀ କମିଟି ପକ୍ଷରୁ ବୁଧବାର ବିର୍ସା ମୁଣ୍ଡା ଖେଳପଡ଼ିଆରେ ନକ୍‌ଆଉଟ ହକି ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ଯୁବ କଂଗ୍ରେସ ସଭାପତି ଆଇନଜୀବୀ ଆଲବର୍ଟ କିଣ୍ଡୋ ଓ ରାଜଗାଙ୍ଗପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ମାଥେଡିୟସ ଲାକ୍ରା ଯୋଗ ଦେଇ ପ୍ରତିଯୋଗିତାର ଉଦ୍‌ଘାଟନ ଓ ଶୁଭାରମ୍ଭ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତାରେ ମୋଟ ୪୮ଟି ହକି ଦଳ ଯୋଗଦେବେ ଓ ଏହା ଆସନ୍ତା ୧୫ତାରିଖରେ ହେବାକୁ ଥିବା ବୀର ବିର୍ସା ମୁଣ୍ଡା ଜୟନ୍ତୀ ପାଳନ ଅବସରରେ ସମାପ୍ତ ହେବ। ପ୍ରଥମ ଦିନ ପ୍ରତିଯୋଗିତା ତିଲେଇମାଲ ଓ ବାରୁପଡା ହକି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଓ ବାରୁପଡା ବିଜୟୀ ହୋଇଥିଲେ। ବୀର ବିର୍ସା ମୁଣ୍ଡା କମିଟିର ନମନ କେରକେଟା, ଜୋହାନ ହେମରମ, ସାଲାନ ହେରେଞ୍ଜ, ସୁମିତ ହେମରମ, ହାରାନ ବାଗେ ପ୍ରଭୃତି ରହି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଏମ୍‌ସିଏଲ୍‌କୁ ଶ୍ରେଷ୍ଠ ପୁରସ୍କାର

## କୋଲ୍ ଇଣ୍ଡିଆ ପ୍ରତିଷ୍ଠା ଦିବସ

**ସମ୍ବଲପୁର,୩।୧୧(ବ୍ୟୁରୋ):**



ଏମ୍‌ସିଏଲ୍ ଅଧ୍ୟକ୍ଷ ପି.କେ. ସିହ୍ନା ପୁରସ୍କାର ଗ୍ରହଣ କରୁଛନ୍ତି।

କୋଲ୍ ଇଣ୍ଡିଆର ୪୭ତମ ପ୍ରତିଷ୍ଠା ଦିବସ କୋଲକାତାଠାରେ ପାଳିତ ହୋଇଯାଇଛି। ଗ୍ରାହକମାନଙ୍କୁ ଉତ୍ତମ ମାନର କୋଇଲା ପ୍ରେରଣ ଓ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଶ୍ରେଷ୍ଠ ସହାୟକ କମ୍ପାନୀ ପୁରସ୍କାର ହାସଲ କରିଛି। ସେହିପରି ୨୦୨୦-୨୧ ବିତ୍ତିୟ ବର୍ଷ କର୍ପୋରେଟ କ୍ଷେତ୍ରରେ ମଧ ଭଲ ପ୍ରଦର୍ଶନ ଲାଗି ଦ୍ୱିତୀୟ ପୁରସ୍କାର ହାସଲ କରିଛି । କୋଲ ଇଣ୍ଡିଆ ଅଧ୍ୟକ୍ଷ ପ୍ରମୋଦ କୁମାର ଅଗ୍ରୱାଲଙ୍କଠାରୁ ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପି.କେ. ସିହ୍ନା ଏହି ପୁରସ୍କାର ଗ୍ରହଣ କରିଥିଲେ। ଯୋଜନା ଓ ପରିଯୋଜନା ନିର୍ଦ୍ଦେଶକ ବବନ ସିଂ ଉପସ୍ଥିତ ଥିଲେ। କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଯୋଷୀ ଏବଂ ଖଣି ଓ ରେଳ ମନ୍ତ୍ରୀ ରାଓ ସାହେବ ପାଟିଲ ଦାନବେ ଭର୍ଚୁଆଲ ଜରିଆରେ ସମ୍ମାନିତ ଅତିଥି ଥିଲେ । ଉତ୍ସବରେ ବ୍ୟକ୍ତିଗତ ବର୍ଗରେ ଲଖନପୁର ଅଞ୍ଚଳର ମହାପ୍ରବନ୍ଧକ ଏ.କେ. ସିଂଙ୍କୁ ଶ୍ରେଷ୍ଠ ମହାପ୍ରବନ୍ଧକ, ଜଗନ୍ନାଥ ଅଞ୍ଚଳର ମହାପ୍ରବନ୍ଧକ ପି.ବି. ରେଡ୍ଡୀଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ଏତଦ୍‌ବ୍ୟତୀତ ମାର୍କେଟିଂ ଓ ସେଲ୍ସ ବିଭାଗ ମହାପ୍ରବନ୍ଧକ ଏ.କେ. ଗୁପ୍ତା ଶ୍ରେଷ୍ଠ ବିଭାଗୀୟ ମୁଖ୍ୟ ପୁରସ୍କାର ହାସଲ କରିଛନ୍ତି।

## ବାସୁଦେବ ଥିଲେ ବିସ୍ଥାପିତ ସଂଗ୍ରାମର ସାରଥି

**ଝାରସୁଗୁଡ଼ା ଅଫିସ,୩।୧୧:**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ଅଡାପଡା ପ୍ରସନ୍ନ ଭବନ ପରିସରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତରଫରୁ ବୁଧବାର ସ୍ୱର୍ଗତ ବାସୁଦେବ ଭୋଇଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସିପିଆଇ ଯୁବନେତା ରମେଶ ତ୍ରିପାଠୀ ଅଧ୍ୟକ୍ଷତା କରିଥିବାବେଳେ ଏଲ୍‌ଏନ୍ କଲେଜ ଅଧ୍ୟାପକ ତପନ ବାରିକ ମଞ୍ଚ ପରିଚାଳନା କରିଥିଲେ। ପାର୍ଟିର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ସହସମ୍ପାଦକ ଡ. ପ୍ରଶାନ୍ତ ମିଶ୍ର, ଜିଲା ସମ୍ପାଦକ ଅନିତ ଚକ୍ରବର୍ତ୍ତି, ସମ୍ବଲପୁର ଜିଲା ସମ୍ପାଦକ ଏଚ୍ ଗୋପାଳ ରେଡ୍ଡୀ, ଅଖିଳ ଭାରତୀୟ ଯୁବ ସଂଘ ରାଜ୍ୟ ଉପସଭାପତି ରାଜେନ୍ଦ୍ର ନାୟକ, ଜିଲା ସଭାପତି ରମାକାନ୍ତ ସାହୁ, ମିତ୍ରଭାନୁପୋଢ, ସାରଙ୍ଗଧର ମିଶ୍ର,ରଘୁମଣି ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ଭୋଇଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ଭୋଇ ସିପିଆଇର ଜଣେ ସକ୍ରିୟ ନେତା ଥିବାବେଳେ ସ୍ୱର୍ଗତ ଜନନେତା ପ୍ରସନ୍ନ ପଣ୍ଡାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଗରିବ, ଅସହାୟ ଲୋକଙ୍କ ପାଇଁ ନିସ୍ୱାର୍ଥପର ଭାବେ କାମ କରୁଥିଲେ। ହୀରାକୁଦ ନଦୀବନ୍ଧ ଯୋଜନାରେ ବିସ୍ଥାପିତ ଲୋକଙ୍କ ପାଇଁ ସେ ସଂଗ୍ରାମ କରିଆସିଥିଲେ। ଏମ୍‌ସିଏଲ୍, ଓପିଜିସି ଆଦି ଶିଳ୍ପ ଦ୍ୱାରା ବିସ୍ଥାପିତଙ୍କ ହକ୍‌ପାଇଁ ଲଢେଇ କରିଆସୁଥିଲେ। ଏହି ଲଢେଇର ବାସୁଦେବ ଭୋଇ ଥିଲେ ପ୍ରମୁଖ ସାରଥୀ। ତାଙ୍କ ଦେହାନ୍ତ ପରେ ଏହି ଲଢେଇକୁ ଆଗକୁ ନେବାପାଇଁ ଅତିଥିମାନେ ଯୁବପିଢିଙ୍କୁ ଆହ୍ୱାନ କରିଥିଲେ। ହୀରାକୁଦ ବୁଡି ଅଞ୍ଚଳ ସଂଗ୍ରାମ ସମିତିର ସଭାପତି ରହିଥିବାବେଳେ ସେ ୨ଥର ସରପଞ୍ଚ ଓ ଥରେ ଜିଲାପରିଷଦ ସଦସ୍ୟ ରହି ଲୋକଙ୍କ ସେବା କରିଥିଲେ । ଅଞ୍ଚଳବାସୀ ଜଣେ ସଂଗ୍ରାମୀ ନେତାଙ୍କୁ ହରାଇଲାବୋଲି ମତ ପ୍ରକାଶ ପାଇଥିଲା । ଏଥିରେ ଝାରସୁଗୁଡ଼ା, ସମ୍ବଲପୁର, କୋରାପୁଟ, ସୁନ୍ଦରଗଡ ଆଦି ଜିଲାରୁ ଶତାଧିକ ଲୋକ ଯୋଗଦେଇଥିଲେ। ଆସନ୍ତା ଡିସେମ୍ବର ୨୬ରେ ସ୍ୱର୍ଗତ ଜନନେତା ପ୍ରସନ୍ନ ପଣ୍ଡାଙ୍କ ଶ୍ରଦ୍ଧାବାର୍ଷିକୀ ଥିବାବେଳେ ସେହିଦିନ ସ୍ୱର୍ଗତ ଭୋଇଙ୍କ ସ୍ମୃତିରେ ଏକ ସ୍ମରଣିକା ଉନ୍ମୋଚନ ପାଇଁ ସଭାରେ ନିଷ୍ପତ୍ତି ହୋଇଛି। ଏଥିପାଇଁ ତାଙ୍କ ଜୀବନୀ ସମ୍ପର୍କରେ ଲେଖା ଆହ୍ୱାନ କରାଯାଇଛି।


ଶ୍ରଦ୍ଧାଞ୍ଜଳି ସଭାରେ ମଞ୍ଚାସୀନ ଅତିଥିମାନେ।

### ପୌରାଞ୍ଚଳର ଉନ୍ନୟନ ନିମନ୍ତେ ଭାଜପା ଏସ୍.ସି. ମୋର୍ଚ୍ଚାର ଦାବି



**ଦେବଗଡ଼, ୩।୧୧(ଡି.ଏନ୍.ଏ.)**

ଦେବଗଡ଼ ପୌରାଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ବୁଧବାର ଦେବଗଡ ଜିଲା ଭାଜପା ଏସ୍.ସି.ମୋର୍ଚ୍ଚା ପକ୍ଷରୁ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପୂର୍ବାହ୍ନରେ ଜିଲା ଭାଜପା ଏସ୍.ସି. ମୋର୍ଚ୍ଚା ସଭାପତି ପ୍ରଜିତ କୁମାର ଭୋଜଙ୍କ ନେତୃତ୍ୱରେ ଉପ ସଭାପତି ଶିବା ମୁଖି ଓ ସମ୍ପାଦକ ଦେବାନନ୍ଦ ନାୟକଙ୍କ ସମେତ ବହୁ କର୍ମୀ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ୪ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ । ଦେବଗଡ ପୌରାଞ୍ଚଳରେ ନାମକୁ ମାତ୍ର ବିକାଶ କାର୍ଯ୍ୟ ହେଉଥିବା ବେଳେ ବହୁ କାର୍ଯ୍ୟ ଅଧା ପନ୍ତରିଆ ହୋଇ ପଡିରହିଛି। ଉକ୍ତ ସ୍ମାରକପତ୍ର ଜରିଆରେ ଅଭିଯୋଗ କରାଯିବା ସହ ପୌରାଞ୍ଚଳର ନିଳବେର୍ଣ୍ଣୀ ସାହି ବାଇପାସ ନିକଟରେ ଭୂତଳ ରାସ୍ତା ନିର୍ମାଣ ପରିବର୍ତ୍ତେ ଗୋଲେଇ ଛକ ନିର୍ମାଣ, ପୁରୁଣା ୬ ନମ୍ବର ଜାତୀୟ ରାଜପଥର ତୁରନ୍ତ ମରାମତି, ଦେବଗଡ ପୌର ପରିଷଦର ୱାର୍ଡ ସଂଖ୍ୟା ବୃଦ୍ଧି, ନାଳ ନର୍ଦ୍ଦମାଗୁଡିକର ମରାମତି ଏବଂ ନୂତନ ନାଳ ନିର୍ମାଣ କରାଯିବା ଆଦି ଦାବି କରାଯାଇଛି।

# ଶିଳ୍ପ ବର୍ଜ୍ୟବସ୍ତୁ ତ୍ରୁଟିପୂର୍ଣ୍ଣ ପରିଚାଳନା ନେଇ ଅସନ୍ତୋଷ

**ଝାରସୁଗୁଡ଼ା ଅଫିସ,୩।୧୧:**


କାତିକେଲା ଗ୍ରାମବାସୀ ଏନ୍‌ସିଏସ୍‌ଟି ସଦସ୍ୟଙ୍କୁ ସମସ୍ୟା ଜଣାଉଛନ୍ତି।

ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ଆୟୋଗ ସଦସ୍ୟ ଅନନ୍ତ ନାୟକ ବୁଧବାର ଦିନିକିଆ ଝାରସୁଗୁଡ଼ା ଜିଲା ଗସ୍ତରେ ଆସି ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ଏହି ଗସ୍ତକାଳରେ ସେ ପ୍ରଥମେ କୋଲାବିରା ବ୍ଲକ ପରମାଣପୁର ଅଞ୍ଚଳରେ ଜଙ୍ଗଲକାଟି ଶିଳ୍ପ ବର୍ଜ୍ୟବସ୍ତୁ ପାଉଁଶ ବେଆଇନ ଭାବେ ଡମ୍ପିଂ କରାଯାଉଥିବା ସ୍ଥାନ ଦେଖିଥିଲେ। ପରେ କାଲିବାହାଲରେ କେମିକାଲ ପ୍ରକଳ୍ପକୁ ଅଞ୍ଚଳବାସୀ ବିରୋଧ କରୁଥିବାବେଳେ ଏହି ଅଞ୍ଚଳ ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କ ଅଭିଯୋଗ ଶୁଣିଥିଲେ। କୋଲାବିରା ବ୍ଲକ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହ ସ୍ୱାସ୍ଥ୍ୟସେବା ସମ୍ପର୍କରେ ସମୀକ୍ଷା କରିଥିଲେ। ପରେ ସେ ଭୁର୍କାମୁଣ୍ଡାସ୍ଥିତ ବେଦାନ୍ତ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହେବାକୁ ଥିବା କାତିକେଲା ଗ୍ରାମରେ ପହଞ୍ଚିଥିଲେ। ସେଠାରେ ଥିବା କମ୍ପାନୀର ପାଉଁଶ ପୋଖରୀ ବନ୍ଧ ୨୦୧୭ ଅଗଷ୍ଟ ୨୨ରେ ଭାଙ୍ଗିଯାଇଥିଲା। ଏଥିରେ ଶତାଧିକ ଏକର ଚାଷଜମି କ୍ଷତିଗ୍ରସ୍ତ ହୋଇଥିଲା। ପ୍ରକଳ୍ପ ପ୍ରଦୂଷଣକୁ ନେଇ ଗ୍ରାମ ବିସ୍ଥାପିତ ହେବାକୁ ଥିବାବେଳେ ଏଥିରେ ବିଳମ୍ବ ହେଉଛି ବୋଲି ଗ୍ରାମବାସୀ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଭୁର୍କାମୁଣ୍ଡା ଓ କାତିକେଲା ଗ୍ରାମ ମଝିରେ ଥିବା ସଫେଇ ନାଳ ଓ ଭେଡେନ୍ ନଦୀରେ କମ୍ପାନୀ ବର୍ଜ୍ୟବସ୍ତୁ ପାଣିରେ ମିଶିବା ଫଳରେ ନାଳ ଓ ନଦୀ ପାଣି ପ୍ରଦୂଷିତ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ସେ ଉକ୍ତ ନଦୀ ଓ ନାଳ ପରିଦର୍ଶନ କରିଥିଲେ। ତାଙ୍କ ପରିଦର୍ଶନ ସମୟରେ ଉପଜିଲାପାଳ ଶିବ ଟପ୍ପୋ, ତହସିଲଦାର, ବିଡିଓ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଆୟୋଗ ସଦସ୍ୟ ସ୍ଥାନୀୟ ସର୍କିଟ ହାଉସ୍‌ରେ ଏକ ସମୀକ୍ଷା ବୈଠକ କରିଥିଲେ। ଏଥିରେ ଜିଲାପାଳ ସରୋଜ କୁମାର ସାମଲ, ଏସ୍‌ପି ବିକାଶ ଚନ୍ଦ୍ର ଦାସ, ଡିଏଫ୍‌ଓ ଲଳିତ କୁମାର ପାତ୍ର, ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ, ପିଡି ଡିଆର୍‌ଡିଏ ତପିରାମ ମାଝି, ତହସିଲଦାର, ବିଡିଓ ପ୍ରମୁଖ ଯୋଗଦେଇଥିଲେ। ଏ ସମ୍ପର୍କରେ ସେ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିବା ସହ ଶିଳ୍ପ ବର୍ଜ୍ୟବସ୍ତୁ ପରିଚାଳନା ତ୍ରୁଟିକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାର ତଦନ୍ତ ରିପୋର୍ଟ ଏନ୍‌ସିଏସ୍‌ଟି କମିଶନରଙ୍କୁ ପ୍ରଦାନ କରିବେ ବୋଲି ସେ କହିଛନ୍ତି।



## ୧୦୨ ୟୁନିଟ ରକ୍ତ ସଂଗ୍ରହ

ତୁଣ୍ଡଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ତୁଣ୍ଡଲା କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଏକ ସେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ନର୍ଲା ବିଧାୟକ ଭୁପିନ୍ଦର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟ ପୁଷ୍ପେନ୍ଦ୍ର ସିଂ ଦେଓ (ପୁସୁ), ଦଲଜିତ ସିଂ, ସନ୍ତୋଷ ଶର୍ମା, ଗୋବିନ୍ଦ ସଥପଥୀ, ଅଜିତ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଭବାନୀପାଟଣା ବ୍ଲଡ ବ୍ୟାଙ୍କରୁ ଡାକ୍ତରୀ ଟିମ ଆସି ୧୦୨ୟୁନିଟ ରକ୍ତ ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଦ୍ୟୁମ୍ନ ଭୋଇ, ଖେଡୁ ଥପା, ସରିତ କୁମାର ପଧାନ, ଯତୀନ୍ଦ୍ର କୁମାର ପଧାନ, ଗଗନ ବିହାରୀ ପଧାନ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଦୋକାନ ଘର ପୋଡ଼ିଦେଲେ ଦୁର୍ବୃତ୍ତ

ଲୋଇସିଂହା,୩୧୧(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ହୀରାପୁର ଛକରେ ଥିବା ଏକ ଚା ଏବଂ ପାନ ଦୋକାନକୁ ମଙ୍ଗଳବାର ରାତିରେ ଦୁର୍ବୃତ୍ତ ପୋଡି ଦେଇଛନ୍ତି । ଏନେଇ କ୍ଷତିଗ୍ରସ୍ତ ଦୋକାନୀ ମାଣ୍ଡିଆପଦର ଗ୍ରାମର ଗଜରାଜ ସାହୁ ଲୋଇସିଂହା ଥାନାରେ ୩ ଜଣଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଲୋଇସିଂହା ପୋଲିସ ଘଟଣାସ୍ଥଳ ପରିଦର୍ଶନ କରି ଫେରିଛି ।

### ଜଳ ଯୋଗାଣ ପ୍ରକଳ୍ପ ଶିଳାନ୍ୟାସ

ଖପ୍ରାଖୋଲ, ୩୧୧(ଡ଼ି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପଡ଼ିଆବାହାଲ ଗାଁରେ ବୁଧବାର ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଏମ୍‌ପି ସଙ୍ଗୀତ କୁମାରୀ ସିଂଦେଓ। ଜଳ ଜୀବନ ମିଶନ ମାଧ୍ୟମରେ ୭୦ଲକ୍ଷ ୩୪ହଜାର ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ଏହି ପ୍ରକଳ୍ପ ଦ୍ୱାରା ଗାଁରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ହୋଇପାରିବ। ସମ୍ମାନୀତ ଅତିଥିଭାବେ ବ୍ଲକ ଅଧକ୍ଷା ପୂର୍ଣ୍ଣମାସୀ ବାରିହା, ଜିଲା ପରିଷଦ ସଭ୍ୟା ଜ୍ୟୋତ୍ସ୍ନାମୟୀ ସାହୁ , ସରପଞ୍ଚ ରାଧିକା ପଧାନ, ଗ୍ରାମ୍ୟ ଜଳଯୋଗାଣ ନିର୍ବାହୀ ଯନ୍ତ୍ରୀ ବିପିନ କୁମାର ଦାସ, ସହକାରୀ ଯନ୍ତ୍ରୀ ଗଗନ କୁମାର କିସାନ, କନିଷ୍ଠ ଯନ୍ତ୍ରୀ ସରିତା କୁଜୁର, ଚିନ୍ମୟ ପ୍ରଧାନ ଉପସ୍ଥିତ ଥିଲେ।

### ଗଞ୍ଜେଇ ଜବତ ଘଟଣା: ଜେଲଗଲେ ଅଭିଯୁକ୍ତ




ଲୋଇସିଂହା, ୩୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ କର୍ଲିପାଟରୁ ଗଞ୍ଜେଇ ବୋଝେଇ ଏକ ବୋଲେରୋ(ଓଡି୦୫ବିଏ୪୨୧୧)କୁ ବନ ବିଭାଗ ଜବତ କରି ଅବକାରୀ ବିଭାଗକୁ ସୋମବାର ହସ୍ତାନ୍ତର କରିଥିଲା। ଗଞ୍ଜେଇ ଚୋରାଚାଲାଣରେ ସମ୍ପୃକ୍ତ ଡ୍ରାଇଭର ସୁବର୍ଣ୍ଣପୁର ଜିଲା ମାଟୁପାଲି ଗାଁର ସୁରେଶ ପାତ୍ରଙ୍କୁ ଅବକାରୀ ବିଭାଗ ଗରିଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଅବକାରୀ ବିଭାଗ ମୋବାଇଲ ଇନ୍‌ସପେକ୍ଟର ପ୍ରମୋଦ ପଣ୍ଡା କହିଛନ୍ତି। ଜବତ ଗଞ୍ଜେଇର ପରିମାଣ ୧ କୁଇଣ୍ଟାଲ ୪୫ କେଜି ଓ ଏହାର ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କା। ଏହା ସହ ଅଭିଯୁକ୍ତଙ୍କ ଗାଡିରୁ ୭ଟି ଗାଡିର ନମ୍ବର ପ୍ଲେଟ ଜବତ ହୋଇଥିବା ସେ କହିଛନ୍ତି। ଏନେଇ ଏକ ମାମଲା( ୪୩/୨୧-୨୨)ରୁଜୁ ହୋଇଛି। ବଲାଙ୍ଗୀର ବନ ରେଞ୍ଜ ଅନ୍ତର୍ଗତ ଆଟଗାଁ ରାସ୍ତାରେ ଫରେଷ୍ଟର ସାହୁ ଏବଂ ପାରାଷ୍ଟାଫ ପାଟ୍ରୋଲିଂ କରୁଥିଲେ । ଏହି ସମୟରେ ଉକ୍ତ ରାସ୍ତା ଦେଇ ଆସୁଥିବା ଉକ୍ତ ବୋଲେରୋ ପିକ୍‌ଅପରେ କାଠପଟ୍ଟା ଥିବା ସନ୍ଦେହରେ ଅଟକାଇଥିଲେ । ହେଲେ ଡ୍ରାଇଭର ଘଟଣାସ୍ଥଳରୁ ଦ୍ରୁତ ଗତିରେ ଖସି ପଳାଇଥିଲେ। ବନ ବିଭାଗ କର୍ମଚାରୀ ତାଙ୍କୁ ପିଛା କରି କାବୁ କରିଥିଲେ।

# ଠିକାସଂସ୍ଥାର ୨ କର୍ମଚାରୀ ଗିରଫ

**ବ୍ଲାଷ୍ଟିଂ ଯୋଗୁ ତପସ୍ୱିନୀ ଏକ୍ସପ୍ରେସ ଜଙ୍ଗଲରେ ଦେଢ଼ ଘଣ୍ଟା ଅଟକିବା ଘଟଣା**

ଟିଟିଲାଗଡ଼, ୩୧୧(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ବଡ଼ମାଲ-ସିକେର ରେଳଷ୍ଟେଶନ ମଧ୍ୟରେ ରେଳବିଭାଗ ଠିକାସଂସ୍ଥାର ପଥର ବ୍ଲାଷ୍ଟିଂ ଯୋଗୁ ମଙ୍ଗଳବାର ତପସ୍ୱିନୀ ଏକ୍ସପ୍ରେସ ଘଟଣାସ୍ଥଳରେ ପ୍ରାୟ ଦେଢ଼ଘଣ୍ଟା କାଳ ଅଟକି ରହିଥିଲା। ଏହି ଘଟଣାରେ ବ୍ଲାଷ୍ଟିଂ କାମରେ ନିୟୋଜିତ ଠିକାସଂସ୍ଥା ଜୟ ହନୁମାନ ଏଣ୍ଟରପ୍ରାଇଜର୍ସର ୨ଜଣ କର୍ମଚାରୀଙ୍କୁ ବଲାଙ୍ଗୀର ଆରପିଏଫ୍ ଗିରଫ କରିଛି। ସେମାନେ ହେଲେ କାଳିସେଜି ନାଗା ବିଘ୍ନେଶ ଓ ଡାଡଲା ରାଜେଶ। ରେଳବାଇ ସୁରକ୍ଷା ବଳ ନିଜ ପକ୍ଷରୁ ଦଫା ୧୫୩, ୧୫୪ରେ ଏକ ମାମଲା(୧୭୧/୨୧)ରୁଜୁ କରି ଗିରଫ ଦୁଇଜଣଙ୍କୁ ବଲାଙ୍ଗୀର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଆରପିଏଫ ଅଧିକାରୀ ଅମରେଶ ବେହେରା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ମଙ୍ଗଳବାର ସମ୍ବଲପୁର-ରାୟଗଡା ତପସ୍ୱିନୀ ଏକ୍ସପ୍ରେସ ବଡମାଳ ରେଳ ଷ୍ଟେଶନରୁ ସକାଳୁ ଆସୁଥିବା ବେଳେ ନିକଟବର୍ତ୍ତୀ ସିକେର ଷ୍ଟେଶନରେ ପହଞ୍ଚିବା ପୂର୍ବରୁ ଦ୍ୱିତୀୟ ରେଳ ଧାରଣା କାର୍ଯ୍ୟରେ ନିୟୋଜିତ ଠିକାସଂସ୍ଥା ପଥର ବ୍ଲାଷ୍ଟିଂ କରିଥିଲା। ଏଥିଯୋଗୁ ବଡବଡ ପଥର ଖଣ୍ଡ ରେଳ ଧାରଣା ଉପରେ ପଡିଥିଲା। ରେଳ ଧାରଣା ଉପରେ ଯାଇଥିବା ବିଦ୍ୟୁତ୍ ଖୁଣ୍ଟର ବ୍ରାକେଟ ଭାଙ୍ଗି ଯିବାରୁ ସରବରାହ ବ୍ୟାହତ ହୋଇ ଟ୍ରେନ ଆପଣାଛାଏ ଅଟକି ଯାଇଥିଲା। ଟ୍ରେନ ଦେଢ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଜଙ୍ଗଲ ମଧ୍ୟରେ ଛିଡା ହୋଇ ରହିଥିଲା। ନିୟମ ମୁତାବକ ଠିକାଦାର ପାଖ ଷ୍ଟେଶନ କିମ୍ବା କୌଣସି ରେଳ ଅଧିକାରୀଙ୍କୁ ସୂଚନା ନଦେଇ ବ୍ଲାଷ୍ଟିଂ କରିଥିବା ଜଣାଯାଇଛି। ଠିକାଦାରଙ୍କ ଯାତ୍ରୀ ସୁରକ୍ଷା ପ୍ରତି ଅବହେଳା ନେଇ ଆରପିଏଫ ଓ ରେଳ ବିଭାଗ ଉଚ୍ଚ ଅଧିକାରୀ ତଦନ୍ତକୁ ଜୋରଦାର କରିଛନ୍ତି।

# ଯୁବ ରେଡ୍‌କ୍ରସ୍ ପ୍ରଶିକ୍ଷଣ ଶିବିର

ନୂଆପଡ଼ା ଅଫିସ,୩୧୧

ନୂଆପଡା ଜିଲା ସିନାପାଲି ବ୍ଲକସ୍ଥିତ ଜିଏମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ୩ ଦିନିଆ ଯୁବ ରେଡ୍‌କ୍ରସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଖଡିଆଳ ସ୍ୱୟଂ ଶାସିତ କଲେଜ ଅଧ୍ୟାପକ ତଥା ପରାମର୍ଶଦାତା ଡ ତରୁଣ କୁମାର ପ୍ରଧାନ ଯୋଗ ଦେଇଥିଲେ। ସରଧାପୁରର ବିଜୁ ପଟ୍ଟନାୟକ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଜନ୍ମେଜୟ ସେଠିଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ରେଡ୍‌କ୍ରସ୍‌ର ମହନୀୟତା ଉପରେ ମତ ପ୍ରକାଶ କରିଥିଲେ। ଅଧ୍ୟାପକ ତଥା ଯୁବ ରେଡକ୍ରସ ପରାମର୍ଶଦାତା ଜ୍ୟୋତିଷ ବନ୍ଦିଛୋର ମଞ୍ଚ ପରିଚାଳନା କରିଥିଲେ। ସିନାପାଲି କଲେଜ ଯୁବ ରେଡ୍‌କ୍ରସ୍ ଅଧ୍ୟାପକ ହେମନାଥ ଭୋଇ, ମା' ଦ୍ରୌପଦୀ ମହିଳା କଲେଜର ରାଜ କୁମାର ରାଉତ, ବୋଡେନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉପେନ୍ଦ୍ର କୁମାର ବଞ୍ଜାରା, ସ୍ଥାନୀୟ କଲେଜ ଅଧ୍ୟାପକ ଧପବ ଚରଣ ପ୍ରଧାନ, ରମେଶ ମେହେର, ସନ୍ତୋଷ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ଶିବିରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର ତଥା ସେଚ୍ଛାସେବୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ କଲେଜର ସମସ୍ତ ଅଧ୍ୟାପକ ତଥା କର୍ମଚାରୀ ସହଯୋଗ କରିଥିଲେ।

# ବିଜୁଳି ସଂଯୋଗ, ପାନୀୟ ଜଳ ପହଞ୍ଚାଇବାକୁ ନିର୍ଦ୍ଦେଶ



ବିଧାୟକ ନରସିଂହ ମିଶ୍ରଙ୍କୁ ମହିଳାମାନେ ସ୍ୱାଗତ କରୁଛନ୍ତି।

ବଲାଙ୍ଗୀର ଅଫିସ, ୩୧୧

- ସଦର ବ୍ଲକରେ ବିଭିନ୍ନ ପଞ୍ଚାୟତ ବୁଲିଲେ ନରସିଂହ
- ପ୍ରକଳ୍ପ ଉଦ୍‌ଘାଟନ, ଶୁଣିଲେ ଲୋକଙ୍କ ସମସ୍ୟା

ବିଧାୟକ ନରସିଂହ ମିଶ୍ର ବୁଧବାର ବଲାଙ୍ଗୀର ସଦର ବ୍ଲକର ବିଭିନ୍ନ ପଞ୍ଚାୟତ ଗସ୍ତ କରିଥିଲେ। ବିଡିଘାଟ, ବୈଦ୍ୟପାଲି, ଶିବତଲା, ଲୁଚକିବନ୍ଧ, ଚାଣ୍ଡିମୁଣ୍ଡା, କାଲିଝରନ ଗାଁରେ ବୈଠକ କରି ସାଧାରଣ ଲୋକଙ୍କ ଅଭାବ ଅସୁବିଧା ଶୁଣିଥିଲେ । ଏହି ସମୟରେ ଆମ ଗାଁ ଆମ ବିକାଶ ଯୋଜନାରେ ଶିବତଲାର ହରଗୌରୀ ମନ୍ଦିର ଠାରେ ଏକ ମଣ୍ଡପ ଭିତ୍ତିପ୍ରସ୍ତର କରିଥିଲେ । ଲୁଚକିବନ୍ଧ ଲୋକେ ଯେମିତି ପିଇବା ପାଣି ପାଇପାରିବେ ସେ ଉପରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ କଥା ହୋଇ ଶୀଘ୍ର ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ସେହି ଗାଁର ୭୬ ଜଣ ଶ୍ରମିକ ଲେବର କାର୍ଡ ସତ୍ତ୍ୱେ ସରକାରଙ୍କ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ପାରୁ ନ ଥିବା ଅଭିଯୋଗ କରିଥିଲେ । ପଡା ଗାଁ ହୋଇଥିବାରୁ ଲୋକେ ଅନେକ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ତେଣୁ ଏହି ଗ୍ରାମକୁ ଏକ ରାଜସ୍ୱ ଗ୍ରାମ କରାଯାଉ ବୋଲି ଲୋକେ ଦାବି କରିଥିଲେ । ଆଦିବାସୀବହୁଳ ଏହି ଗାଁର ଅନେକ ଯୋଗ୍ୟ ହିତାଧିକାରୀ ଇନ୍ଦିରା ଆବାସ ପାଇବାରୁ ବଞ୍ଚିତ ହୋଇଛନ୍ତି । ଏସବୁ ସମସ୍ୟାକୁ ନେଇ ରାଜ୍ୟସ୍ତରୀୟ ଅଧିକାରୀମାନଙ୍କ ସହ ବିଧାୟକ ମିଶ୍ର ଆଲୋଚନା କରିବେ ବୋଲି କହିଥିଲେ। ଚାଣ୍ଡିମୁଣ୍ଡା, କାଲିଝରନ ଓ ବୈଦ୍ୟପାଲିଠାରେ ମଧ୍ୟ ସାଧାରଣ ସଭାମାନ ଅନୁଷ୍ଠିତ ହୋଇଥିଲା । ବୈଦ୍ୟପାଲିଠାରେ ଲୋକେ ରାସ୍ତା ନିର୍ମାଣ ଦାବି କରିଥିଲେ । ସେଠାରେ ଏକ କମ୍ୟୁନିଟି ସେଣ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବିଡିଓ ପ୍ରୀତମ କୁମାର ତନ୍ତି, ଏବିଡିଓ ରାମଦତ୍ତ ଭୋଇ, ବ୍ଲକ ଉପାଧ୍ୟକ୍ଷା ଯଶୋବନ୍ତି ବଘାର, ସହକାରୀ ଯନ୍ତ୍ରୀ ଟଙ୍କଧର କାଲା, କଂଗ୍ରେସ ନେତା ରାଧାକାନ୍ତ ଭୋଇ, ସରୋଜ ରଥ, ଜିଲା ପରିଷଦ ସଭ୍ୟ ଶ୍ରୀଧର ବାରିକ, ବିଧାୟକଙ୍କ ପ୍ରତିନିଧି କିଶୋର ସିଂ ନିନା, ବ୍ଲକ ସଭାପତି ରାମ ପ୍ରସାଦ ମିଶ୍ର, ଖୁଜେନପାଲି ସରପଞ୍ଚ ସତ୍ୟବାନ ସାହୁ ଓ ଜଗ ପଧାନ ଗସ୍ତ ସମୟରେ ଉପସ୍ଥିତ ଥିଲେ।

# ନିଟ୍ ମେଡ଼ିକାଲ୍ ପ୍ରବେଶିକା ପରୀକ୍ଷା କୃତୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗୀର ଅଫିସ, ୩୧୧




ଯୁବୋଦୟ କ୍ୟାମ୍ପସ୍‌ରେ ଅତିଥିମାନେ କୃତୀ ଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ବଲାଙ୍ଗୀର ସକ୍‌ମା ସ୍ଥିତ ଯୁବୋଦୟ ଶିକ୍ଷାନୁଷ୍ଠାନ ପରିସରରେ ବୁଧବାର ନିଟ୍ ଓ ଜେଇଇ ଆଡଭାନ୍ସ ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ଭଲ ର୍ୟାଙ୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଡିନ ତଥା ଅଧକ୍ଷା ପ୍ରଫେସର ଡା. ସବିତା ମହାପାତ୍ର ଯୋଗଦେଇ କୃତୀ ଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟଅତିଥି ଡା ମହାପାତ୍ର ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରମାନେ ନିଟ୍ ପରୀକ୍ଷାରେ କୃତିତ୍ୱ ଅର୍ଜନ କରି କେବଳ ମେଡିକାଲରେ ନାମ ଲେଖାଇଲେ ଚଳିବ ନାହିଁ, ବରଂ ସେମାନେ ନିଜକୁ ଭଲ ମଣିଷ ଓ ଭଲ ଡାକ୍ତର ଭାବରେ ଗଢିବାକୁ ହେବ। ଦରମା ପାଇଁ ନୁହେଁ ବରଂ ରୋଗୀଙ୍କ ଜୀବନ ବଞ୍ଚାଇବାର ଧ୍ୟେୟ ଓ ନିଷ୍ଠା ହିଁ ତାଙ୍କୁ ଜୀବନରେ ପ୍ରକୃତ ସଫଳତା ଆଣିଦେବ ବୋଲି କହିଥିଲେ। ଯୁବୋଦୟ ନିର୍ଦ୍ଦେଶକ ଅମ୍ବରୀଶ ଦାଶ ଗୁଣାତ୍ମକ ଶିକ୍ଷାର ମୂଳଦୂଆ ପକାଇ ଯୁବୋଦୟ ଆଗାମୀ ସମୟରେ ବୈଷୟିକ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାର ଲକ୍ଷ୍ୟରେ ଅଗ୍ରସର ହେଉଛି। ଏହି ସଫଳତା ଆରମ୍ଭ ମାତ୍ର ବୋଲି କହିଥିଲେ। ଯୁବୋଦୟର ଅଭୂତପୂର୍ବ ସଫଳତା ପାଇଁ ଏହି ଅନୁଷ୍ଠାନ ଦ୍ୱାରା ପ୍ରଦତ୍ତ ସମନ୍ୱିତ ଶିକ୍ଷାଦାନ ଶୈଳୀକୁ ସେ ଶ୍ରେୟ ଦେଇ ଯୋଜନାବଦ୍ଧ ଭାବରେ ଛାତ୍ରୀଛାତ୍ରଙ୍କର ଶିକ୍ଷଣ ସ୍ତରକୁ ଉପରକୁ ଉଠାଇ ଏକ ପ୍ରତିସ୍ପର୍ଦ୍ଧି ସ୍ତର ପର୍ଯ୍ୟନ୍ତ ପହଞ୍ଚାଇବାକୁ ବଦ୍ଧପରିକର ବୋଲି ସେ କହିଥିଲେ।

### ଯୁବୋଦୟ କଲେଜର ସଫଳତା

ଚଳିତବର୍ଷ ସର୍ବଭାରତୀୟ ସ୍ତରରେ ପରିଚାଳିତ ମେଡ଼ିକାଲ୍ ପ୍ରବେଶିକା ପରୀକ୍ଷାରେ ଯୁବୋଦୟର ୫ଜଣ ଛାତ୍ର ପ୍ରଥମ ପ୍ରଚେଷ୍ଟାରେ ସର୍ବଭାରତୀୟ ସ୍ତରରେ ଭଲର୍ୟାଙ୍କ୍ ରଖିଛନ୍ତି। ମୋଟ ୭୨୦ମାର୍କରୁ ଯୁବୋଦୟ ଛାତ୍ର ସାମେଶ୍ ଷଡ଼ଙ୍ଗୀ ୬୯୦, ଅଙ୍କିତ୍ ସାଠୁଆ ୬୭୩, ବିପ୍ଳବ ଖମାରୀ ୬୫୬, ଆର୍ଯ୍ୟନ୍ ନାୟକ ୬୫୪ ଓ ସୋମ୍ ପ୍ରକାଶ ସାହୁ ୬୪୦ମାର୍କ ରଖିଛନ୍ତି। ସମସ୍ତ ଛାତ୍ର ଯୁବୋଦୟରୁ ଚଳିତବର୍ଷ ଯୁକ୍ତ ପରୀକ୍ଷାରେ ୯୪ ପ୍ରତିଶତରୁ ଅଧିକ ମାର୍କ ରଖି ସମଗ୍ର ପଶ୍ଚିମ ଓଡ଼ିଶା ପାଇଁ ଗୌରବ ଆଣିଥିଲେ। ଛାତ୍ର ସୋମେଶ୍ ଷଡ଼ଙ୍ଗୀ ନିଟ୍ ପରୀକ୍ଷାରେ ଓଡ଼ିଶାରେ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ସମ୍ବର୍ଦ୍ଧନାର ଉତ୍ତରରେ କୃତୀ ଛାତ୍ରୀମାନେ ସଫଳତାର ଶ୍ରେୟ ନିଜ ପିତାମାତାଙ୍କ ସହ ଯୁବୋଦୟର ଶିକ୍ଷକ, କର୍ମଚାରୀଙ୍କ ସହ ନିର୍ଦ୍ଦେଶକ ଅମ୍ବରୀଶ ଦାଶ୍‌ଙ୍କୁ ଦେଇଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ସନ୍ଦୀପ କୁମାର କୁଅଁର ପରିଚାଳନା କରିଥିଲେ । ଭୁବନେଶ୍ୱରସ୍ଥିତ ଯୁବୋଦୟ ଏଡ୍‌ଭାନ୍‌ସଡ୍ କ୍ଲାସରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନେ ମଧ୍ୟ ସଦ୍ୟ ପ୍ରକାଶିତ ନିଟ୍ ପରୀକ୍ଷାରେ ବିଶେଷ ସଫଳତା ହାସଲ କରିଛନ୍ତି। ୧୧୯ ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ୪୫ ଜଣ ଛାତ୍ରୀଛାତ୍ର ୨୫୦୦୦ ମଧ୍ୟରେ ର୍ୟାଙ୍କ୍ ରଖି ସରକାରୀ ମେଡ଼ିକାଲ୍ କଲେଜରେ ଅଧ୍ୟୟନ କରିବାକୁ ସୁନିଶ୍ଚିତ କରିପାରିଛନ୍ତି।

# ଗାନ୍ଧିଜୀ ଯୁବକ ସଂଘ ଗଠିତ

ନୂଆପଡ଼ା ଅଫିସ,୩୧୧

ନେହେରୁ ଯୁବ କେନ୍ଦ୍ର ନୂଆପଡାର ସେଚ୍ଛାସେବୀ ଈଶ୍ୱର ମାଝି ଓ କୁମାରୀ ଅଞ୍ଜଳି ଶବରଙ୍କ ନିରନ୍ତର ପ୍ରୟାସ ପରେ ଜିଲାର ଏକ ଉପାନ୍ତ ଅଞ୍ଚଳ ବୋଡେନ ବ୍ଲକ ଭଇଁଷାଦାନି ପଞ୍ଚାୟତ କୁଇମୁଣ୍ଡା ପାଟଦରା ଗ୍ରାମର ଯୁବମାନଙ୍କୁ ନେଇ ଗାନ୍ଧୀଜୀଙ୍କ ଯୁବକ ସଂଘ ଗଠନ କରାଯାଇଛି। ନେହେରୁ ଯୁବ କେନ୍ଦ୍ର ନୂଆପଡା ଜିଲା ଯୁବ ଅଧିକାରୀ ଆସିଷ କୁମାର ଠାକୁରଙ୍କ ଉପସ୍ଥିତିରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇ ଯୁବକ ସଂଘ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଇତ୍ୟାଦି ବିଷୟରେ ଆଲୋଚନା କରିବା ପରେ କର୍ମକର୍ତ୍ତା ଚୟନ କରାଯାଇଥିଲା। ଗାନ୍ଧୀ ଯୁବକ ସଂଘ ପରିଚାଳନା କମିଟିରେ ସଭାପତି ଭାବେ ଘନଶ୍ୟାମ ମାଝି, ଉପ ସଭାପତି ମକରନ ପହରିଆ, ସମ୍ପାଦକ ତପେଶ୍ୱର ମାଝି, ସହ ସମ୍ପାଦକ ପ୍ରମେଶ୍ୱର ମାଝିଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ସମ୍ମାନିତ ଅତିଥି ଭାବେ ଜିଲା ବ୍ଲକ ସଭାପତି ଅଜିତ କୁମାର ପଣ୍ଡା, ଦୁରଦର୍ଶନ ଜିଲା ପ୍ରତିନିଧି ତପନ କୁମାର ଦାସ, ଯୁଜିଷ୍ଠିର ପଟେଲ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଟିଟିଲାଗଡ଼, ୩୧୧ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ନାରେନ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଖୋଲାନ ସ୍ୱାସ୍ଥ୍ୟ ବିଭାଗ, ସମନ୍ୱିତ ଶିଶୁ ବିକାଶ ବିଭାଗ, ଆଶା ଟିଟିଲାଗଡ, ଏସସିଡି ସହାୟତା କରିଥିଲେ। କେନ୍ଦ୍ର ଶ୍ରମ ଓ ନିୟୋଜନ ବିଭାଗ ଅନ୍ତର୍ଗତ ଏସସିଏସସିଡିଏ, ସିଆରସି ବଲାଙ୍ଗୀର ଉପସ୍ଥିତ ରହି ଭିନ୍ନକ୍ଷମଙ୍କୁ ଉପକରଣ ବଣ୍ଟନ ପାଇଁ ଚିହ୍ନଟ ତଥା ନିଯୁକ୍ତି ନେଇ ତାଲିମ ପ୍ରଦାନ ସହାୟତା ପାଇଁ ଶିବିର କରିଥିଲେ। ଏହି ଅବସରରେ ଟିଟିଲାଗଡ ଉପଜିଲାପାଳ ମନୋଜ ସତ୍ୟୱାନ ମହାଜନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସମସ୍ତ ବ୍ୟବସ୍ଥାର ନିରୀକ୍ଷଣ କରିଥିଲେ। ଖୋଲାନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ମିନକେତନ କିଷାନଙ୍କ ତତ୍ତ୍ୱାବଧାନରେ ଡାକ୍ତରୀ ଦଳ ଉପସ୍ଥିତ ରହି ଭିନ୍ନକ୍ଷମଙ୍କୁ ପ୍ରମାଣ ପତ୍ର ତଥା ବସ୍ ପାସ ପ୍ରଦାନ କରିଥିଲେ। ଟିଟିଲାଗଡ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମୃଣ୍ମୟୀ ଭୋଇ, ବିଏସଏସଓ ସୁମନ କଲ୍ୟାଣ ରଣା, ଏସିସିଡି ସମ୍ପାଦିକା ଅଞ୍ଜଳି ବେହେରା, ବ୍ଲକ ସରପଞ୍ଚ ସଂଘ ସଭାପତି ବୀରବର ସାହୁ, ସମ୍ପାଦକ ସରପଞ୍ଚ ହରିନାରାୟଣ ମିଶ୍ର, ସ୍ଥାନୀୟ ସରପଞ୍ଚ ଦୟାରାମ ଅଗ୍ରୱାଲ, ନିର୍ବାହୀ ଅଧିକାରୀ ଉଜ୍ଜ୍ୱଳ ଝାଙ୍କର ପ୍ରମୁଖ ଉପସ୍ଥିତ ଥିଲେ।

# ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବହିଷ୍କାର ଦାବିରେ ଥାନା ଘେରାଉ




କୋକସରା ବ୍ଲକ ଅଫିସ ନିକଟରୁ ବାହାରିଥିବା ଭାଜପାର ଶୋଭାଯାତ୍ରା।

କୋକସରା,୩୧୧(ଡି.ଏନ.ଏ.)

ମମିତା ମେହେରଙ୍କ ଅପହରଣ ଓ ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ କଳାହାଣ୍ଡି ଜିଲା କୋକସରା ବ୍ଲକ ଭାଜପା ପକ୍ଷରୁ କୋକସରା ଥାନା ଘେରାଉ କରାଯାଇ ପ୍ରତିବାଦ କରାଯାଇଛି। ପରେ ଏକ ଦାବିପତ୍ର କୋକସରା ଥାନାଧିକାରୀ ରମଣୀ ରଞ୍ଜନ ଦଲେଇଙ୍କୁ ପ୍ରଦାନ କରିଥିଲେ। କୋକସରା ବ୍ଲକ ଅଫିସ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ମନ୍ତ୍ରୀଙ୍କ ଇସ୍ତଫା, ବହିଷ୍କାର ଓ ସିବିଆଇ ତଦନ୍ତ ଓ ମମିତାଙ୍କ ପରିବାରକୁ ନ୍ୟାୟ ଦାବି କରି ନାରାବାଜି କରିବା ସହ ସଭାସ୍ଥଳକୁ ପହଞ୍ଚିଥିଲେ। କୋକସରା ମଣ୍ଡଳ ଉପସଭାପତି ସୁଧୀର ପାତ୍ରଙ୍କ ସଭାପତିତ୍ୱରେ ଜିଲା ଉପସଭାପତି ଲକ୍ଷ୍ମୀକାନ୍ତ ବାଗ, ବଦ୍ରି ନାରାୟଣ ପଟ୍ଟନାୟକ, ଜିଲା ସମ୍ପାଦକ ଗୋଦାବରୀଶ ପାତ୍ର, ଜିଲା କୃଷକ ମୋର୍ଚ୍ଚା ଉପସଭାପତି ଦୁର୍ଗା ପ୍ରସାଦ ପ୍ରଧାନୀ, କୋକସରା ମଣ୍ଡଳ ସମ୍ପାଦକ ତ୍ରିନାଥ ଶବର, କୃଷକ ମୋର୍ଚ୍ଚା ଜିଲା ସମ୍ପାଦକ ଗଣେଶ ନନ୍ଦ, ମୋଟେର ଜୋନ ଜିଲା ପରିଷଦ ସଭ୍ୟ ଅମୋଜ କୁମାର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ମହିଳା ନେତ୍ରୀ କୁନ୍ତି ପାଳ ପ୍ରମୁଖ କୋକସରା ଥାନା ଘେରାଉ ସହ ପ୍ରତିବାଦ କରିଥିଲେ।

# ଗୁଣିଗାରେଡ଼ି ସନ୍ଦେହ, ଥାନା ଘେରାଉ

ଜୁନାଗଡ,୩୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ଚିଙ୍ଗୁଡିସର ଗ୍ରାମରେ ଗୁଣି ଗାରେଡିକୁ ନେଇ ଏବେ ଅସନ୍ତୋଷ ଦେଖିବାକୁ ମିଳିଛି। ଗୁଣିଗାରେଡିରେ ଜଣେ ଝିଅଙ୍କ ମୃତ୍ୟୁ ହୋଇଥିବା ଓ ଆଉ ଜଣେ ଝିଅ ଗୁରୁତର ଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ଦାବିରେ ବୁଧବାର ଉତ୍ୟକ୍ତ ଗ୍ରାମବାସୀ ଜୁନାଗଡ ଥାନା ସମ୍ମୁଖରେ ପ୍ରତିବାଦ କରିଛନ୍ତି। ଫଳରେ ସେଠାରେ ଚାପା ଉତ୍ତେଜନା ଦେଖିବାକୁ ମିଳିଛି। ଘଟଣାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ପୋଲିସ ପକ୍ଷରୁ କୁହାଯିବା ପରେ ସନ୍ଧ୍ୟାରେ ଗ୍ରାମବାସୀ ଘରକୁ ଫେରିଥିବା ଜଣାପଡିଛି।



ଜୁନାଗଡ଼ ଥାନା ସମ୍ମୁଖରେ ଚିଙ୍ଗୁଡିସରବାସୀ ଥାନା ଘେରାଉ କରିଛନ୍ତି।

# ଆୟୁର୍ବେଦ ମହାବିଦ୍ୟାଳୟରେ ଧନ୍ୱନ୍ତରୀ ଜୟନ୍ତୀ

ବଲାଙ୍ଗୀର ଅଫିସ, ୩୧୧



ବଲାଙ୍ଗୀର ଆୟୁର୍ବେଦ ମହାବିଦ୍ୟାଳୟରେ ଷଷ୍ଠ ଜାତୀୟ ଆୟୁର୍ବେଦ ଦିବସ ପାଳନ କରାଯାଉଛି।

ବଲାଙ୍ଗୀର ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପରିସରରେ ଧନ୍ୱନ୍ତରୀ ଜୟନ୍ତୀ ଏବଂ ଷଷ୍ଠ ଜାତୀୟ ଆୟୁର୍ବେଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୁର୍ବେଦ ପ୍ରବର୍ତ୍ତକ ଭଗବାନ ଧନ୍ୱନ୍ତରୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ଆୟୁଷ ମନ୍ତ୍ରଣାଳୟ ଭାରତ ସରକାରଙ୍କ ନିର୍ଦ୍ଦେଶନାମା ଅନୁସାରେ କୋଭିଡ ନିୟମାବଳୀକୁ ଦୃଷ୍ଟିରେ ରଖି ବିଭିନ୍ନ ଜନହିତକର କାର୍ଯ୍ୟ, ନିଃଶୁଳ୍କ ବିଭିନ୍ନ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଡା. ଅରୁଣ କୁମାର ଦାସ ଉଦ୍‌ଘାଟନ କରିଥିଲେ। ଏତଦ୍‌ବ୍ୟତୀତ ସର୍ବସାଧାରଣଙ୍କ ନିମନ୍ତେ ଚଳିତବର୍ଷର ପ୍ରସଙ୍ଗ ପୋଷଣ ପାଇଁ ଆୟୁର୍ବେଦକୁ ଦୃଷ୍ଟିରେ ରଖି ଆୟୁର୍ବେଦୀୟ ଆହାର ମେଳା ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ୫୦ଜଣ ଡାକ୍ତରୀ ଛାତ୍ରୀଛାତ୍ର ବିଭିନ୍ନ ଆୟୁର୍ବେଦୀୟ ଖାଦ୍ୟ ପ୍ରସ୍ତୁତ କରି ମେଳାରେ ପ୍ରଦର୍ଶନ କରିଥିଲେ । ଉକ୍ତ ମେଳାରେ ବିଭିନ୍ନ ପ୍ରକାର ଆୟୁର୍ବେଦୀୟ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି ପ୍ରଣାଳୀ ତଥା ଏହାର ଉପାଦେୟତା ସମ୍ପର୍କରେ କୁହାଯାଇଥିଲା। କୋଭିଡ ମହାମାରୀଙ୍କୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ନିମନ୍ତେ ବିଭିନ୍ନ ଖାଦ୍ୟ ଓ ପୋଷକତତ୍ତ୍ୱ ଉପରେ ସୂଚନା ଦିଆଯାଇଥିଲା। ଜନ୍ମରୁ ୧୬ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ତଥା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ନିମନ୍ତେ ସ୍ୱର୍ଣ୍ଣପ୍ରାଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୭ଶହରୁ ଉର୍ଦ୍ଧ୍ୱ ଶିଶୁ ସାମିଲ ହୋଇଥିଲେ। ଜାତୀୟ ଆୟୁର୍ବେଦ ଦିବସ ପାଳନ ଅବସରରେ ମହାବିଦ୍ୟାଳୟରେ ଆୟୁର୍ବେଦ ପୋଷଣ ଫର ୱେଲନେସ/ଇଲନେସ ଶୀର୍ଷକ ୱେବିନାର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବ୍ୟଙ୍ଗଚିତ୍ର, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ, ସ୍ନାତକୋତ୍ତର ଓ ସ୍ନାତକ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଏହି ବିଶାଳ ସ୍ୱାସ୍ଥ୍ୟ ଶିବିରରେ ୮୪୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷଣ ଓ ଚିକିତ୍ସା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା ।



## ଟ୍ରକ ଧକ୍କାରେ ସାଇକେଲ ଆରୋହୀ ମୃତ

ପଦ୍ମପୁର,(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନଂ ୧୧ ରଜାପଡାଠାରେ ବୁଧବାର ଟ୍ରକ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରଜାପଡାର ମଦନ ଲୁହା। ଏହି ଖବର ପ୍ରଚାରିତ ହେବା ପରେ ଦୁର୍ଘଟଣାସ୍ଥଳରେ ରାସ୍ତାରୋକୋ କରିଥିଲେ। ଖବର ପାଇ ସ୍ଥାନୀୟ ଥାନା ଅଧିକାରୀ ରାଜେନ୍ଦ୍ର ସିଆଲ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଧକ୍କା ଦେଇଥିବା ଟ୍ରକକୁ ପୋଲିସ ଜବତ କରିଛି।

# ଧାନ ଅମଳ ଆରମ୍ଭ, ଘାରିଲା ବିକ୍ରି ଚିନ୍ତା

- ଅନ୍ୟବର୍ଷ ତୁଳନାରେ ଏଥର ବିଳମ୍ବିତ
- ଫାଇଦା ଉଠାଇବେ ଅସାଧୁ ବେପାରୀ
- ଆରମ୍ଭରୁ ଦେଖାଦେଲାଣି ଅସନ୍ତୋଷ

ବରଗଡ଼ ଅଫିସ୍,୩।୧୧

ବରଗଡ଼ ଜିଲାରେ ଖରିଫ ଧାନ ଅମଳ ଆରମ୍ଭ ହୋଇଛି। ଜିଲାର ଅତାବିରା, ଭେଡ଼େନ ବ୍ଲକର ଅନେକ ଚାଷୀ ଧାନ ଅମଳ କରି କ୍ଷେତ, ଖଳାରେ ରଖିଛନ୍ତି। ଅପରପକ୍ଷେ ଏଥର ଅନ୍ୟବର୍ଷ ତୁଳନାରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ବିଳମ୍ବିତ କରାଯାଇଛି। ବିଗତବର୍ଷଗୁଡ଼ିକରେ ନଭେମ୍ବର ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେଉଥିଲା। ମାତ୍ର ଏଥର ନଭେମ୍ବର ୨୫ରୁ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିବାକୁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିରେ ନିଷ୍ପତ୍ତି ନିଆଯାଇଛି । ଏଭଳି ବିଳମ୍ବିତ ଧାନ ସଂଗ୍ରହ ପ୍ରକ୍ରିୟାକୁ ନେଇ ଚାଷୀମାନେ ଚିନ୍ତିତ ହୋଇ ପଡ଼ିଛନ୍ତି।

ବରଗଡ଼ ଜିଲାରେ ଖରିଫରେ ଉଭୟ ଜଳସେଚିତ, ଅଣଜଳସେଚିତ ଅଞ୍ଚଳରେ ଧାନଚାଷ ହୋଇଥାଏ। ଏହି ଦୃଷ୍ଟିରୁ ରବି ଅପେକ୍ଷା ଖରିଫରେ ଅଧିକ ଧାନ ଅମଳ ହୁଏ ଏବଂ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଚାଷୀଙ୍କୁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼େ। ଗତବର୍ଷ ନଭେମ୍ବର ୯ରୁ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରଥମେ ଜିଲାର ଜଳସେଚିତ ଅତାବିରା, ଭେଡ଼େନ ଓ ବରଗଡ଼ ବ୍ଲକରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସେହିମାସ ୧୦ତାରିଖ ବରପାଲି, ୧୧ତାରିଖ ସୋହେଲା, ୧୨ତାରିଖ ଭଟଲି, ୧୭ତାରିଖ ବିଜେପୁର, ଗାଇସିଲେଟ, ରାଜବୋଡ଼ାସମ୍ବର, ୧୮ତାରିଖ ପଦ୍ମପୁର ଏନଏସି, ପାଇକମାଲ ଏବଂ ୨୦ତାରିଖ ଅମ୍ବାଭୋନା ଓ ଝାରବନ୍ଧ ବ୍ଲକରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିଲା।

ସେହିପରି ଅତାବିରା ବ୍ଲକରେ ଗତ ଜାନୁଆର ୧୨ତାରିଖ ଏହି ପ୍ରକ୍ରିୟା ବନ୍ଦ ରହିଥିବାବେଳେ ପଦ୍ମପୁର ଏନଏସିରେ ଫେବୃୟାରୀ ୩, ବରଗଡ଼, ବରପାଲି, ଭଟଲିରେ ଫେବୃୟାରୀ ୧୪, ଭେଡ଼େନ, ସୋହେଲାରେ ଫେବୃୟାରୀ ୧୫, ବିଜେପୁର, ଅମ୍ବାଭୋନାରେ ଫେବୃୟାରୀ ୧୬, ପାଇକମାଲରେ ଫେବୃୟାରୀ ୧୭, ରାଜବୋଡ଼ାସମ୍ବର ବ୍ଲକରେ ଫେବୃୟାରୀ ୧୮, ଝାରବନ୍ଧ ବ୍ଲକରେ ଫେବୃୟାରୀ ୨୩ ଏବଂ ଗାଇସିଲେଟ ବ୍ଲକରେ ମାର୍ଚ୍ଚ ୧୪ତାରିଖ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ବନ୍ଦ କରି ଦିଆଯାଇଥିଲା। ଏଥର ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ଆହୁରି ବିଳମ୍ବିତ କରାଯାଇଛି। ଆସନ୍ତା ୨୫ତାରିଖ ଅତାବିରା, ଭେଡ଼େନ, ୨୮ତାରିଖ ବରଗଡ଼ ଏବଂ ଡିସେମ୍ବର ୧ରୁ ଜିଲାର ଅନ୍ୟ ଅଞ୍ଚଳ ଗୁଡ଼ିକରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି।

ଅପରପକ୍ଷେ ବିଗତବର୍ଷ ଭଳି ଅତାବିରା, ଭେଡ଼େବ ବ୍ଲକରେ ଚାଷୀମାନେ ଧାନ ଅମଳ ଆରମ୍ଭ କରି ଦେଇଛନ୍ତି । ମଣ୍ଡି ଖୋଲିବାକୁ ଆହୁରି ୩ସପ୍ତାହ ବାକି ଥିବା ଯୋଗୁ ସେତେଦିନ ଧରି ଅମଳ ଧାନ କେଉଁଠି ରଖିବେ ତାକୁ ନେଇ ଚାଷୀମାନେ ଚିନ୍ତିତ ହୋଇ ପଡ଼ିଛନ୍ତି। ଚାଷୀନେତା ହର ବଣିଆ କହିଛନ୍ତି, ଜିଲାର ଅନେକ ଚାଷୀ ସ୍ୱଳ୍ପ ମିଆଦୀ କିସମ ଧାନ କରିଛନ୍ତି। ତାହା ଅମଳ ହୋଇ ସାରିଲାଣି। ମଣ୍ଡି ନ ଖୋଲିଲେ ସମ୍ପୃକ୍ତ ଚାଷୀମାନେ ବେପାରୀ ହାତରେ ଅମଳ ଧାନ ଟେକି ଦେଇ ଅଭାବିବିକ୍ରୀର ସମ୍ମୁଖୀନ ସହିତ କ୍ଷତିଗ୍ରସ୍ତ ହେବେ। ଅନ୍ୟପକ୍ଷେ ବେପାରୀମାନେ ବିଳମ୍ବିତ ଧାନ ସଂଗ୍ରହ ପ୍ରକ୍ରିୟାର ଫାଇଦା ଉଠାଇବେ। ଚାଷୀଙ୍କଠାରୁ କମ୍ ଧାନ କିଣିବା ଏବଂ ଶୋଷଣ କରିବାର ଏହା ଏକ ଷଡ଼ଜନ୍ତ୍ର ବୋଲି ବଣିଆ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶଙ୍କୁ ତାଙ୍କ ମୋବାଇଲ ନମ୍ବର ୯୪୩୭୮୮୭୦୦୪ରେ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ କାଟି ଦେବାରୁ ପ୍ରତିକ୍ରିୟା ମିଳିପାରି ନାହିଁ ।


ଅତାବିରା ବ୍ଲକ ସିନ୍ଦୁରବାହାଲର ଜଣେ ଚାଷୀ ଖଳାରେ ଅମଳ ଧାନ ରଖିଛନ୍ତି।

## ସଂକ୍ଷେପରେ

### ଆବାସ ଯୋଜନାରୁ ବଞ୍ଚିତ ଭିନ୍ନକ୍ଷମ ଲତା



ବିନିକା,୩।୧୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସଂଘିଯୁବା ପଞ୍ଚାୟତ ଅଧୀନ ଅସୁରଗଡ ଗ୍ରାମର ଭିନ୍ନକ୍ଷମ ଲତା ବାରିକ(୫୨)। ୭୦ପ୍ରତିଶତ ଭିନ୍ନକ୍ଷମ ହୋଇଥିଲେ ହେଁ ଅନେକ ସରକାରୀ ଯୋଜନାରୁ ସେ ବଞ୍ଚିତ ରହିଥିବା ଅଭିଯୋଗ କରିଛନ୍ତି। ସ୍ୱାମୀ ଲବ ବାରିକ(୫୬) ଓ ଏକମାତ୍ର ପୁଅ ରୁଦ୍ର ପ୍ରସାଦ ବାରିକ(୩୧)ଙ୍କୁ ନେଇ ଲତାଙ୍କ ପରିବାର। ଲତାଙ୍କ ଦୁଇଗୋଡ ସମ୍ପୂର୍ଣ୍ଣ ଅଚଳ। ତେଣୁ ଲତା ଏବେ ଲବ ଓ ତାଙ୍କ ପୁଅ ରୁଦ୍ରଙ୍କ ଭରସାରେ ରହିଛନ୍ତି। ମୂଲ ମଜୁରି ଲାଗି ପରିବାର ଚଳାଉଥିବା ବାପପୁଅ ଲତାଙ୍କ ଅସୁସ୍ଥତା ଯୋଗୁ ନିୟମିତ କାମକୁ ଯାଇ ପାରୁ ନାହାନ୍ତି। ଆର୍ଥିକ ଦୁର୍ଗତି ଦେଇ ସେମାନେ ଗତି କରୁଛନ୍ତି। ୯ ବର୍ଷ ତଳେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଲତାଙ୍କୁ ୭୦ପ୍ରତିଶତ ଭିନ୍ନକ୍ଷମ ପ୍ରମାଣ ପତ୍ର ମିଳିଛି। ଭିନ୍ନକ୍ଷମ ଭତ୍ତା ମଧ ସେ ପାଉଛନ୍ତି। ହେଲେ ଏଯାଏ ତାଙ୍କୁ ଆବାସ ଯୋଜନାରେ ଗୃହ କିମ୍ବା ଅନ୍ତୋଦ୍ୟୟ, ଅନ୍ନପୂର୍ଣ୍ଣା ଯୋଜନାରେ ରାଶନ ସାମଗ୍ରୀ ମିଳିନାହିଁ। ଏଥିପାଇଁ ବିଭିନ୍ନ ସମୟରେ ବ୍ଲକ ଅଫିସରେ ଆବେଦନ କରି ନିରାଶ ହୋଇଥିବା କହିଛନ୍ତି ଲବ। ଅବିଳମ୍ବେ ଲତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

### ମେଗା ଆଇନ ସେବା ଶିବିର ପାଇଁ ପ୍ରସ୍ତୁତି ବୈଠକ

**ବୌଦ୍ଧ,୩।୧୧(ସ୍ୱ.ପ୍ର.):** ଜିଲା ଦୌରାଜଜ୍‌ଙ୍କ କାର୍ଯ୍ୟାଳୟଠାରେ ମେଗା ଆଇନସେବା ଶିବିର ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ୍ ସୁଶ୍ରୀ ପ୍ରତିମା ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ୧୩ ତାରିଖ ଦିନ ବୌଦ୍ଧ ଟାଉନହଲଠାରେ ଏହି ଶିବିର ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି । ଶିବିର ଅବସରରେ ବିଭିନ୍ନ ବର୍ଗର ଛାତ୍ରୀଛାତ୍ରଙ୍କ ମଧରେ ଚିତ୍ରାଙ୍କନ,ପ୍ରବନ୍ଧ ଲିଖନ, ସ୍ଲୋଗାନ, ଲିଖନ ପ୍ରତିଯୋଗିତା କରାଯିବାକୁ ନିଷ୍ପତ୍ତି ହୋଇଥିଲା। ପ୍ରତିଯୋଗିତା ଆଭାସି ମାଧମରେ କରାଯିବାକୁ ସ୍ଥିର ହୋଇ ଜିଲା ଶିକ୍ଷାଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ବୈଠକରେ ଜିଲା ଆରକ୍ଷୀ ଅଧୀକ୍ଷକ ଜ୍ଞାନ ରଞ୍ଜନ ମହାନ୍ତିଙ୍କ ସମେତ ଜିଲା ସ୍ୱାସ୍ଥ୍ୟ ବିଭାଗ,ବନ ବିଭାଗ, ପୂର୍ତ୍ତ ବିଭାଗ, ବିଦ୍ୟୁତ୍ ବିଭାଗ ସମେତ ବିଭିନ୍ନ ବିଭାଗ ଏବଂ ଜିଲା ସୂଚନା ଓ ଲୋକସଂପର୍କ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ବିଚାର ବିଭାଗ ପକ୍ଷରୁ ରେଜିଷ୍ଟାର ପ୍ରୀତିଶ କୁମାର ରାଉତରାୟ,ଜିଲା ଆଇନସେବା ପ୍ରାଧିକରଣର କର୍ମଚାରୀମାନେ ଉପସ୍ଥିତ ଥିଲେ। ଶେଷରେ ଜିଲା ଆଇନସେବା ପ୍ରାଧିକରଣର ସଚିବ ଚରଣଜିତ୍ ଓରାମ ଧନ୍ୟବାଦ ଦେଇଥିଲେ।

### ଭୋଟର ତାଲିକା ସଂଶୋଧନ ବୈଠକ

**ବରଗଡ଼ ଅଫିସ୍,୩।୧୧:** ବରଗଡ଼ ଜିଲାରେ ସଠିକ୍ ଭୋଟର ତାଲିକା ପାଇଁ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଂଗ୍ରେସର ପାଣ୍ଡବ କର୍ଣ୍ଣ, ଭାଜପାର କୁଶ କୁମ୍ଭାର, ବହୁଜନ ସମାଜ ପାର୍ଟିର ନାରାୟଣ ଭେସ୍ରା, ତୃଣମୂଳ କଂଗ୍ରେସର ଅଶୋକ କୁମାର ମିତ୍ତଲ ପ୍ରମୁଖ ଯୋଗଦାନ କରିଥିଲେ। ନଭେମ୍ବର ୧ତାରିଖ ପ୍ରତ୍ୟେକ ବୁଥରେ ଭୋଟର ତାଲିକା ପ୍ରକାଶନ କରାଯାଇଛି। ଏହି ତାଲିକାରେ ନୂତନ ଭୋଟରଙ୍କ ନାମ ଯୋଗ କରିବା, ମୃତ କିମ୍ବା ଠିକଣା ପରିବର୍ତ୍ତନ ହୋଇଥିବା ଲୋକଙ୍କ ନାମ କାଟିବା, ତ୍ରୁଟି ସଂଶୋଧନ କରିବା ଆଦି କାର୍ଯ୍ୟ ପାଇଁ ଆସନ୍ତା ୩୦ତାରିଖ ମଧ୍ୟରେ ନିଜ ବୁଥ୍, ଉପଜିଲାପାଳ କିମ୍ବା ଜିଲା କାର୍ଯ୍ୟାଳୟରେ ଉଦ୍ଦିଷ୍ଟ ଫର୍ମରେ ଆବେଦନ କରି ପାରିବେ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଅନ୍ତିମ ଭୋଟର ତାଲିକା ଆସନ୍ତାବର୍ଷ ଜାନୁୟାରୀ ୧ତାରିଖ ପ୍ରକାଶିତ ହେବ ବୋଲି ସୂଚନା ଦିଆଯାଇଥିଲା। ତେବେ ଏହାର ସଚେତନତା ପାଇଁ ଆସନ୍ତା ୭ ଏବଂ ୧୧ତାରିଖ ବିଶେଷ ପ୍ରଚାର ଶିବିର କାର୍ଯ୍ୟକ୍ରମ ରହିଛି ।

## ସୁନ୍ଦରଗଡ଼ର ବୃଦ୍ଧାଙ୍କୁ କଣ୍ଟାମାଳ ଶିବ ମନ୍ଦିର ନିକଟରୁ ଉଦ୍ଧାର କଲା ପ୍ରଶାସନ


ବୃଦ୍ଧାଙ୍କୁ ଉଦ୍ଧାର କରାଯାଇ ଆଶ୍ରୟ ଗୃହକୁ ଅଣାଯାଉଛି ।

ବୌଦ୍ଧ,୩।୧୧(ସ୍ୱ.ପ୍ର.)

ସୁନ୍ଦରଗଡର ବନ୍ଦରମୁଖା,ବଉଳସାହିର ଜଣେ ବୃଦ୍ଧାଙ୍କୁ ଅସହାୟ ଅବସ୍ଥାରେ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଏକ ଶିବ ମନ୍ଦିର ନିକଟରୁ ବୁଧବାର ଉଦ୍ଧାର କରାଯାଇଛି। ଏ ସମ୍ପର୍କରେ ସୂଚନା ପାଇବା ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ସାମାଜିକ ସୁରକ୍ଷା ବିଭାଗର ଉଦ୍ୟମରେ ବୃଦ୍ଧାଙ୍କୁ ଉଦ୍ଧାର କରାଯାଇ ବୌଦ୍ଧର ଆଶ୍ରୟ ଅନୁଷ୍ଠାନରେ ରଖାଯାଇଛି। ବୃଦ୍ଧାଙ୍କ ନାମ ଭାରତୀ ଦାଶ(୬୨) । ସେ ସୁନ୍ଦରଗଡ ବନ୍ଦରମୁଖା ବଉଳସାହିର ଗୋବିନ୍ଦ ଦାଶଙ୍କ ଝିଅ ବୋଲି ଜଣାପଡିଛି। ତେବେ ତାଙ୍କର କୌଣସି ସମ୍ପର୍କୀୟ ଥିଲେ, ଜିଲା ସାମାଜିକ ସୁରକ୍ଷା ବିଭାଗ ସହିତ ଯୋଗାଯୋଗ କରିବା ପାଇଁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ବୀମା ପାଇଁ ଚଞ୍ଚକତା, ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ


ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ।

ବରଗଡ଼ ଅଫିସ୍,୩।୧୧

ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡରେ ମରୁଡ଼ି ପରିସ୍ଥିତି ଉପୁଜିଛି। ଏଭଳି ସ୍ଥିତିରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା ସହାୟତା ପ୍ରଦାନ ବଦଳରେ ଆରମ୍ଭରୁ ଚଞ୍ଚକତା କରାଯାଉଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ବୁଧବାର ରାଜବୋଡ଼ାସମ୍ବର କୃଷକ ସଂଗଠନ, ପଦ୍ମପୁର ପକ୍ଷରୁବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପ୍ରଶାସନ ପକ୍ଷରୁ ନିୟୋଜିତ ହୋଇଥିବା ପରିସଂଖ୍ୟାନ ବିଭାଗ, କୃଷି ବିଭାଗ ଏବଂ ରାଜସ୍ୱ ବିଭାଗର କର୍ମଚାରୀମାନେ ଯେଉଁଠି କ୍ରପକଟିଂ କରୁଛନ୍ତି, ତାକୁ ବୀମା କମ୍ପାନୀର କର୍ମଚାରୀମାନେ ବିରୋଧ କରୁଥିବା ଅଭିଯୋଗ ହୋଇଛି। ସେହିପରି ଚାଷୀମାନେ ଅନଲାଇନରେ କରିଥିବା ଅନେକ ଫସଲବୀମାକୁ ଗ୍ରହଣ କରାଯାଇ ନଥିବା ଅଭିଯୋଗ ହୋଇଛି। ଫଳରେ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି। ରୋହିତ କୁମାର ପ୍ରଧାନ, ଫକୀର ଚରଣ ତ୍ରିପାଠୀ, ରମେଶ ମହାପାତ୍ର ପ୍ରମୁଖ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

## ମରାଲୋଏକୁ ହରାଇ ବଲାସିଙ୍ଗା ଚାମ୍ପିୟନ

### ପଞ୍ଚଖଣ୍ଡା ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

ଅମରପାଲି,୩।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ପଞ୍ଚାୟତ ଅନ୍ତର୍ଗତ ଗୋପପାଲି ଗାଁ ଖେଳପଡିଆରେ ଚାଲିଥିବା ୫ମ ମା' ପଞ୍ଚଖଣ୍ଡା ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ମରାଲୋଏକୁ ହରାଇ ବଲାସିଙ୍ଗା(ବୌଦ୍ଧ) ଦଳ ଚାମ୍ପିୟନ ହୋଇଛି। ସମିତି ସଭ୍ୟ ପୀତାମ୍ବର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଆଇନଜୀବୀ ମନୋଜ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ କ୍ରୀଡାବିତ୍ ରାଜୁ ମିଶ୍ର, ଶିକ୍ଷାବିତ୍ ଘନଶ୍ୟାମ ପଧାନ, ପ୍ରାଣବନ୍ଧୁ ସାହୁ, ଉତ୍ତର ନାଏକ, ଗୋପୀନାଥ ପଧାନ ଯୋଗ ଦେଇଥିଲେ। ଚାମ୍ପିୟନ ବଲାସିଙ୍ଗା ଦଳକୁ ଟ୍ରଫି ସହ ନଗଦ ୪ ହଜାର ଟଙ୍କା, ରନର୍ସ ଅପ ମରାଲୋଏ ଦଳକୁ ଟ୍ରଫି ସହ ନଗଦ ୩ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ବଲାସିଙ୍ଗାର ବିଶ୍ୱଜିତ୍‌ଙ୍କୁ ଶ୍ରେଷ୍ଠ ଗୋଲକିପର, ମିଳନ ପଧାନଙ୍କୁ ଶ୍ରେଷ୍ଠ ଡିଫେନ୍ସ ଏବଂ ମରାଲୋଏର ଜୟନ୍ତ ସେଠୀଙ୍କୁ ଶ୍ରେଷ୍ଠ ସ୍କୋରର ଭାବେ ପୁରସ୍କୃତ କରାଯାଇଥଲା। ଟୁର୍ଣ୍ଣାମେଣ୍ଟକୁ ରାମକୃଷ୍ଣ ପଧାନ ଓ ମଧୁସୂଦନ ପଧାନ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ଗୋପପାଲି ଓ ମରାଲୋଏ ମଧ୍ୟରେ ହୋଇଥିଲା। ମରାଲୋଏ ଦଳ ୪-୧ ଦଳରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ମନୁପାଲି(ବୌଦ୍ଧ) ଦଳ ଟାଇବ୍ରେକର ୫-୩ଗୋଲରେ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚରେ ଟାଇବ୍ରେକରରେ ଉଲୁଣ୍ଡା ଦଳ ୯-୮ଗୋଲରେ ଟାଟରକିଲାକୁ ହରାଇ ଥିଲା। ଚତୁର୍ଥ ମ୍ୟାଚରେ ସଂଗ୍ରାମପୁରକୁ ଟାଇବ୍ରେକର ୩-୨ଗୋଲରେ ବଲାସିଙ୍ଗା ଦଳ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ସେମିଫାଇନାଲ ପୂର୍ବରୁ ସୁବର୍ଣ୍ଣପୁର ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜିତ ରଥ, ଆତ୍ମା ଅଧକ୍ଷ ଆଲୋକ ଦେହୁରୀ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମ ସେମିଫାଇନାଲରେ ଉଲୁଣ୍ଡାକୁ ମରାଲୋଏ ଦଳ ଟାଇବ୍ରେକର ୫-୩ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲରେ ବଲାସିଙ୍ଗା ଦଳ ଟାଇବ୍ରେକର ୫-୩ ଗୋଲରେ ମନୁପାଲିକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚ ଗୋଲ ଶୂନ୍ୟ ରହିବାରୁ ଟାଇବ୍ରେକରରେ ବଲାସିଙ୍ଗା ଦଳ ୪-୧ଗୋଲରେ ମରାଲୋଏକୁ ହରାଇ ଚାମ୍ପିୟନ ହୋଇଛି। ମ୍ୟାଚଗୁଡିକରେ ଆନନ୍ଦ ବଢେଇ, ନରସିଂହ ସେଠୀ ଓ ବାବୁଲାଲ ସାହୁ ରେଫରି ଭାବେ କାର୍ଯ୍ୟ ତୁଲାଇ ଥିଲେ।


ଅତିଥିଙ୍କ ଗହଣରେ ଫାଇନାଲ ମ୍ୟାଚ ଖେଳିଥିବା ଉଭୟ ଦଳର ଖେଳାଳିମାନେ।

## ନିଶା କାରବାର ରୋକିବାକୁ ଏସ୍‌ପିଙ୍କୁ ଫେରାଦ

ବରଗଡ଼ ଅଫିସ୍,୩।୧୧

ବରଗଡ଼ ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ଦିନକୁ ଦିନ ନିଶା କାରବାର ଜୋର ଧରିଛି। ଏଥିପାଇଁ ବିଭିନ୍ନ ଅପରାଧ ବଢ଼ି ଚାଲିଛି। ନିଶାସକ୍ତ ଲୋକେ ସାଧରଣ ଜନତାଙ୍କଠାରୁ ଆରମ୍ଭ କରି ପୋଲିସ କର୍ମଚାରୀଙ୍କୁ ମଧ୍ୟ ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ଫଳରେ ଜିଲାରେ ନିଶା କାରବାର ରୋକିବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ବରଗଡ଼ ସମ୍ବିଧାନ ସୁରକ୍ଷା ପଞ୍ଚ ଦାବି କରିଛି। ଏହି ଦାବି ନେଇ ମଞ୍ଚର ଏକ ପ୍ରତିନିଧି ଦଳ ବୁଧବାର ଏସ୍‌ପି ରାହୁଲ ଜୈନଙ୍କୁ ଏକ ସ୍ମାରକପତ୍ର କରିଛନ୍ତି। ଏସ୍‌ପି ଜୈନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସପି ପ୍ରଦ୍ୟୁମ୍ନ କୁମାର ମିଶ୍ର ସ୍ମାରକପତ୍ର ଗ୍ରହଣ କରିଥିଲେ। ମଞ୍ଚର ଆବାହକ ପବିତ୍ର ଦେହେରୀ, ରମେଶ ମହାପାତ୍ର, ଶିବାନନ୍ଦ ମଟାରୀ, ଭବାନୀ ସାହୁ, ମେରିୟମ ବାର୍ଲା ପ୍ରମୁଖ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।


ଅତିରିକ୍ତ ଏସପି ସ୍ମାରକପତ୍ର ଗ୍ରହଣ କରୁଛନ୍ତି ।

## ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର କର୍ମଶାଳା

ସୋନପୁର, ୩।୧୧(ନି.ପ୍ର.)

ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ସୁବର୍ଣ୍ଣପୁର ଜିଲା ଶାଖାର କର୍ମଶାଳା ଜିଲା ଶିକ୍ଷା ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଜିଲାର କର୍ମକର୍ତ୍ତା ଓ ୪୯ଟି ସ୍କୁଲର ସ୍କାଉଟ୍ସ ଏବଂ ଗାଇଡ୍ସର ମାଷ୍ଟର ଯୋଗଦାନ କରିଥିଲେ। ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ଜିଲା ସମ୍ପାଦକ ତଥା ଶାରୀରିକ ଶିକ୍ଷା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଯୁଗ୍ମ ସମ୍ପାଦକ ଦୀନବନ୍ଧୁ ପ୍ରଧାନ, ଜିଲା ସାଙ୍ଗଠନିକ କମିଶନର ଅନନ୍ତରାମ ମେଣ୍ଡେଲି, ଜିଲା ସାଙ୍ଗଠନିକ କମିଶନର ଗାଇଡ୍ସ ପଦ୍ମିନୀ ସାହୁ ଓ ସାଧନକର୍ମୀ ଦେବାଶିଷ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବ ପରିଚାଳନା କାର୍ଯ୍ୟକ୍ରମରେ ସ୍କୁଲ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କୁ କିଭଳି ଅନଲାଇନ୍ ରେଜିଷ୍ଟ୍ରେସନ କରା ଯାଇପାରିବ ସେ ସମ୍ପର୍କରେ ତାଲିମ ଦିଆଯାଇଥିଲା। ସ୍କାଉଟ୍ସ ଏବଂ ଗାଇଡ୍ସର ସନ୍ଧ୍ୟାରାଣୀ ଖେତି, ମଞ୍ଜୁଲତା ଜଗଦଲା, ସତ୍ୟନାରାୟଣ ତ୍ରିପାଠୀ, ଗଙ୍ଗାଧର ପଧାନ, ହରିଶ୍ଚନ୍ଦ୍ର ମାଝୀ, ସସ୍ମିତା ବେହେରା, ଅହଲ୍ୟା ଜେନା ତାରିଣୀ ମେହେର, ଶେଷଦେବ ହୋତା ଓ ମନୋଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ନିକଟରେ ଅବସର ଗ୍ରହଣ କରିଥିବା ଲଛିପୁର ହାଇସ୍କୁଲର ପିଇଟି ଜଗନ୍ନାଥ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଡିଗ୍ରୀ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ପାଇକମାଲ, ୩।୧୧(ଡି.ଏନ.ଏ.)

ବରଗଡ ଜିଲା ପାଇକମାଲ ବିନ୍ଧ୍ୟବାସିନୀ ଡିଗ୍ରୀ ମହାବିଦ୍ୟାଳୟ ଯୁବ ରେଡକ୍ରସ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛ। ମହାବିଦ୍ୟାଳୟ ଅଧକ୍ଷ ଲୋହିତ କୁମାର ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ମୁଖ୍ୟ ଅତିଥି ଭାବେ ପାଇକମାଳ ବିଡିଓ ଉପାଞ୍ଜଳୀ ମାଝୀ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ବୁକୁରାମୁଣ୍ଡା ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର ଅଧିକାରୀ ସୌମ୍ୟରଞ୍ଜନ ଦାସ, ପାଇକମାଳ ବିଦ୍ୟୁତ୍ ବିଭାଗ ଏସଡିଓ ପୁରନ୍ଦର ସାହୁ, ଏବିଡିଓ ଭୀଷ୍ମଦେବ ମାଝୀ, ଡା.ସୁରେଶ ଅଗ୍ରୱାଲ, ତୁଷ କୁମାର ଚନ୍ଦ୍ରକାର, ରେବତି ମୋହନ ଜେନା, ସୁରଥ ସାହୁ ଯୋଗ ଦେଇଥିଲେ। ୨୦ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଯୁବ ରେଡକ୍ରସ ସଂଯୋଜକ ଦେବରାଜ ସାହୁରକ୍ତଦାନ ଶିବିର ପରିଚାଳନା କରିଥିଲେ।

## ଜରିଖଣ୍ଡିର ପୁନରୁଦ୍ଧାର ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମ

ବୌଦ୍ଧ,୩।୧୧(ସ୍ୱ.ପ୍ର.)

ବୌଦ୍ଧ ରାଜପ୍ରାସାଦର ଗଡଖାଇ ଭାବରେ ପରିଚିତ ଜରିଖଣ୍ଡିର ପୁନରୁଦ୍ଧାର କାର୍ଯ୍ୟ ବୁଧବାର ଆରମ୍ଭ ହୋଇଛି । ଏହି ଅବସରରେ ଭୂମି ପୂଜନ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟଅତିଥି ଭାବରେ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଲଲାଟେନ୍ଦୁମିଶ୍ର, ଅତିରିକ୍ତ ଜିଲାପାଳ ବବିତା ରାଣୀ ଦଳବେହେରା, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅଶ୍ୱିନୀ କୁମାର ମେହେର,ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ଇଂ. ମନୋରଞ୍ଜନ ପଣ୍ଡା ଓ କନିଷ୍ଠଯନ୍ତ୍ରୀ ପବିତ୍ର ମୋହନ ପଣ୍ଡା, ପ୍ରତାପ ଚନ୍ଦ୍ର ପରିଡା ଉପସ୍ଥିତ ଥିଲେ ।

## ବିନା ସଂଯୋଗରେ ବିଦ୍ୟୁତ୍ ବିଲ୍: ଚାଷୀ ହଟହଟା

ବାଉଁଶୁଣୀ,୩।୧୧(ଡି.ଏନ.ଏ.)

ବିନା ବିଦ୍ୟୁତ୍ ସଂଯୋଗରେ ବିଲ୍ ଆସିବା ଘଟଣା ନେଇ ଜଣେ ଚାଷୀ ହଟହଟା ହେବା ସହ ଟଙ୍କା କିପରି ଦେବେ ସେହି ଚିନ୍ତାରେ ଅଛନ୍ତି। ଏହାକୁ ନେଇ ସେ ଖାଉଟି ଅଦାଲତର ଦ୍ୱାରସ୍ଥ ହେବାକୁ ପ୍ରସ୍ତୁତ ହେଉଥିବା ଜାଣିବାକୁ ମିଳିଛି ।

କୃଷି ଓ କୃଷକର ଉନ୍ନତି ପାଇଁ ସରକାର ଅନେକ ଯୋଜନା କରୁଛନ୍ତି। ମାତ୍ର ବାସ୍ତବରେ ତାହା କେତେଦୂର କାମରେ ଆସୁଛି ତୃଣମୂଳ ସ୍ତରରେ ନ ଦେଖିଲେ ଜାଣି ହେବନାହିଁ । ବୌଦ୍ଧ ବ୍ଲକ ମୁଣ୍ଡିପଦର ଗ୍ରାମ ପଞ୍ଚାୟତ କୁଲୁଡାଖଲି ଗ୍ରାମର ସିଦ୍ଧାର୍ଥ ନାଏକ ନିଜ ଜମିକୁ ଜଳସେଚନର ସୁବିଧା ପାଇଁ ଉଠା ଜଳସେଚନ ବିଭାଗ ଜରିଆରେ ଏକ ଗଭୀର କୂପ ଖୋଳାଇ ଥିଲେ। ୨୦୧୪ ମସିହାରେ କୂପ ଖୋଳା ଯାଇଥିଲେ ମଧ ବିଭାଗ ଜଳସେଚନ ପାଇଁ ମୋଟର ଏଯାଏ ଦେଇନାହିଁ। ସେହିପରି ବିଦ୍ୟୁତ୍ ବିଭାଗ ଅଦ୍ୟାବଧି ବିଦ୍ୟୁତ୍ ସଂଯୋଗ କରିନାହାନ୍ତି। ଏହାସତ୍ତ୍ୱେ ଗତ କିଛି ଦିନ ତଳେ ବିଦ୍ୟୁତ୍ ବିଭାଗ ପକ୍ଷରୁ ତାଙ୍କ ନିକଟକୁ ୩୯୩୩୯ ଟଙ୍କାର ଏକ ବିଲ୍ ପଠାଯାଇଛି । ବିଲ୍ ଧରି ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ । ଏହି ସମୟରେ ତାଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆ ଯାଇନାହିଁ କି ମୋଟର ଉଠା ଜଳସେଚନ ବିଭାଗ ଦେଇନାହିଁ ବୋଲି ଜଣାଇଥିଲେ। ତେବେ ତାଙ୍କୁ କନିଷ୍ଠ ଯନ୍ତ୍ରୀଙ୍କ ନିକଟକୁ ଯିବାକୁ ପରାମର୍ଶ ଦିଆଯାଇଥିଲା। ସିଦ୍ଧାର୍ଥ କନିଷ୍ଠ ଯନ୍ତ୍ରୀଙ୍କୁ ଭେଟିବା ପରେ ସେ ଓଲଟା ଦୋଷ ଲଦି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ପାଇଁ ୬୦୦ ଟଙ୍କାର ରସିଦ ଚାଷୀଙ୍କ ହାତକୁ ବଢାଇ ଦେଇଥିଲେ। ଏହାଛଡା ବିଲ୍ ବାବଦରେ ଆସିଥିବା ଟଙ୍କା ଦେବାକୁ ପଡିବ ଓ କାଗଜପତ୍ରରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କଲା ପରେ ଆଉ ନୂଆ ବିଲ ଆସିବ ନାହିଁ ବୋଲି କହିଥିଲେ। ବିଦ୍ୟୁତ୍ ସଂଯୋଗ ନ ଦେଇ କାଗଜପତ୍ରରେ ସଂଯୋଗ ହୋଇଥିବା ଦର୍ଶା ଯାଇଥିବା ହେତୁ ଆଜି ଜଣେ ଚାଷୀଙ୍କ ନାଁରେ ପ୍ରାୟ ୪୦ ହଜାର ଟଙ୍କାର ବକେୟା ରହିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ବିଦ୍ୟୁତ୍ ବିଭାଗ ଓ ଉଠା ଜଳସେଚନ ବିଭାଗ ଏ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଖାଉଟି ଅଦାଲତରେ ଆଶ୍ରୟ ନେବେ ବୋଲି ସିଦ୍ଧାର୍ଥ ପ୍ରକାଶ କରିଛନ୍ତି।




